

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 SEPTEMBER 2020
Vol.No. 30 ■ No. 231 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


## ୨୪ ଘଂଟାରେ ସୁସ୍ଥ ହେଲେ ୪,୦୬୧ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୧।୯ (ନି.ପ୍ର): ରାଜ୍ୟରେ ଆଜି ରେକର୍ଡ ସଂଖ୍ୟକ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଶୁକ୍ରବାର ଦିନ ସର୍ବାଧିକ ୪,୦୬୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ ସୁସ୍ଥଙ୍କ ସଂଖ୍ୟା ୧,୧୨,୦୬୨କୁ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ସର୍ବାଧିକ ୭୪୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି କଟକ ଜିଲ୍ଲାରୁ ୪୨୫ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୨୬୭ ଜଣ, ବରଗଡ଼ ଜିଲ୍ଲାରୁ ୨୪୪ ଜଣ, ମୟୂରଭଂଜ ଜିଲ୍ଲାରୁ ୨୪୦ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୮୭ ଜଣ, ଯାଜପୁର ଜିଲ୍ଲାରୁ ୧୮୫ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୭୯ ଜଣ, ଅନୁଗୁଳ ଜିଲ୍ଲାରୁ ୧୬୭ ଜଣ, ଗଂଜାମ ଜିଲ୍ଲାରୁ ୧୫୭ ଜଣ, ପୁରୀ ଜିଲ୍ଲାରୁ ୧୩୨ ଜଣ, ଭଦ୍ରକ, ଜଗତସିଂହପୁର, ଝାରସୁଗୁଡ଼ାରୁ ୧୩୦ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲାରୁ ୭୮ ଜଣ, ସମ୍ବଲପୁର ଜିଲ୍ଲାରୁ ୭୭ ଜଣ, କୋରାପୁଟ, ନୂଆପଡ଼ା ଜିଲ୍ଲାରୁ ୭୪-୭୪ ଜଣ, ନବରଙ୍ଗପୁର ଜିଲ୍ଲାରୁ ୫୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୦ ଜଣ, ନୟାଗଡ଼ ଜିଲ୍ଲାରୁ ୪୮ ଜଣ, ରାୟଗଡ଼ା ଜିଲ୍ଲାରୁ ୪୫ ଜଣ, କଳାହାଣ୍ଡି ▶▶ପୃଷ୍ଠା ୭

# ୩୦୦ କୋଟି ଟଙ୍କାର ବନ୍ୟା ସହାୟତା ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ୩୩ % କ୍ଷତିଗ୍ରସ୍ତ ହୋଇଥିଲେ ଚାଷୀଙ୍କୁ ମିଳିବ ସହାୟତା



ଭୁବନେଶ୍ୱର,୧୧।୯ (ନି.ପ୍ର): ଗତ ଅଗଷ୍ଟ ମାସରେ ହୋଇଥିବା ବନ୍ୟା ଦ୍ୱାରା ପ୍ରଭାବିତ ଚାଷୀଙ୍କ ପାଇଁ ୩୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବନ୍ୟାରେ ୩୩ % ରୁ ଅଧିକ କ୍ଷତି ସହିଥିବା କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କ ପାଇଁ ଏହି ସହାୟତା ଘୋଷଣା କରାଯାଇଛି । ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା , ଜଳସେଚିତ ଜମି ପାଇଁ ୧୩,୫୦୦ ଟଙ୍କା ଏବଂ ବାରମାସି ଫସଲ ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କାର ଇନପୁଟ୍ ସବସିଡି ମିଳିବ । ବାରମାସି ଫସଲ ମଧ୍ୟରେ ଆମ୍ବ, କାଜୁ , ନଡିଆ ଓ ପାନକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ସହାୟତା କେବଳ ପ୍ରକୃତ ଚାଷୀଙ୍କୁ ଦିଆଯିବ । ପ୍ରଭାବିତ ଚାଷୀଙ୍କୁ ବାରମାସୀ ଫସଲ ପାଇଁ ସର୍ବନିମ୍ନ ୨ ହଜାର ଟଙ୍କା ଏବଂ ଅନ୍ୟ ଚାଷ ପାଇଁ ୧ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ଚାଷୀଙ୍କୁ ୨୦ ହଜାର ବିହନ ମିନିକିଟ୍ ପ୍ରଦାନ କରାଯିବ । ୫୦ ପ୍ରତିଶତ ସବସିଡିରେ ୨ ହଜାର ପମ୍ପ ସେଟ୍ ପ୍ରଦାନ କରାଯିବ । ପ୍ରଭାବିତ ଜିଲ୍ଲା ଗୁଡିକୁ ୧୦ କୋଟି ଟଙ୍କାର ଫାର୍ମ ମେକାନାଇଜେସନ୍ ସବସିଡି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ରବି ଫସଲ ପାଇଁ ଉନ୍ନତମାନର ବିହନ ଯୋଗାଇ ଦିଆଯିବ । ଏଥି ପାଇଁ ଚାଷୀଙ୍କୁ ସର୍ବାଧିକ ୭୫ ପ୍ରତିଶତ ରିହାତି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି । ସେହିପରି ୧ ଲକ୍ଷ ଚାଷୀଙ୍କୁ ଭେଜିଟେବୁଲ କିଟ୍ ଦିଆଯିବ । ଏହି କିଟରେ ପାଳଙ୍ଗ, ବିନ୍ସ, ଟମାଟୋ, ଲଙ୍କା, ଶିମ୍ବ ଓ ମୂଳା ମଂଜି ରହିବ । ଏହାର ମୂଲ୍ୟ ୧୩୦ ଟଙ୍କା । ୧୦ ହଜାର ଛତୁଚାଷୀଙ୍କୁ ୫୦୦ ଟଙ୍କାରେ ଘର ମରାମତି ପାଇଁ ସହାୟତା ରାଶି ମିଳିବ । ସେହିପରି ରାଜ୍ୟ ସରକାର ବନ୍ୟାରେ ପ୍ରଭାବିତ ଅନ୍ୟ ଚାଷୀଙ୍କୁ ଉଚିତ ସହାୟତା ଯୋଗାଇ ଦେବାକୁ ମଧ ଲକ୍ଷ୍ୟ ରଖିଛନ୍ତି । ଏହା ବ୍ୟତୀତ ୫୦% ସବସିଡିରେ ୫ ହଜାର ପାୱାର ସ୍ପ୍ରେ ଯୋଗାଇ ଦିଆଯିବ । ବ୍ୟାଟେରୀଚାଳିତ ପାୱାରସ୍ପ୍ରେୟାର ପାଇଁ ୩ ହଜାର ଟଙ୍କା ଓ ହାତ ଚାଳିତ ସ୍ପ୍ରେୟାର ପାଇଁ ୬୦୦ ଟଙ୍କା ଯୋଗାଇଦିଆଯିବ ।୩୩ ପ୍ରତିଶତ କ୍ଷତିଗ୍ରସ୍ତ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ ଋଣକୁ ସ୍ୱଳ୍ପ ମିଆଦୀ ଋଣରେ ପରିବର୍ତ୍ତନ କରାଯିବ । ଏହି ସ୍ୱଳ୍ପମିଆଦୀ ଖରିଫ ଋଣର ପରିଶୋଧ ଅବଧିକୁ ୨୦୨୨ ସେପ୍ଟେମ୍ବର ୩୦କୁ ବୃଦ୍ଧି କରାଯାଇଛି । କ୍ଷତିଗ୍ରସ୍ତ ଚାଷୀ ରବି ଋତୁ ଆରମ୍ଭରେ ପୁଣି ଥରେ ଋଣ ନେଇପାରିବେ । ସେହିପରି ଦୁଧିଆଳି ଗାଇ ଓ ମଇଁଷି ପ୍ରାଣ ହରାଇଥିଲେ ୩୦ ହଜାର ଟଙ୍କା ଲେଖାଏଁ , ବଳଦ ପିଛା ୨୫ ହଜାର ଟଙ୍କା ଲେଖାଏଁ (ସର୍ବାଧିକ ୩ଟା), ବାଛୁରୀ ପାଇଁ ୧୬ ହଜାର ଟଙ୍କା (ସର୍ବାଧିକ ୬ଟି) ,ଛେଳି ପାଇଁ ୩ ହଜାର ଟଙ୍କା (ସର୍ବାଧିକ ୩୦ଟି) ଏବଂ କୁକୁଡା ପାଇଁ ୫୦ ଟଙ୍କା ହିସାବରେ ସର୍ବାଧିକ ୫ ହଜାର ଟଙ୍କା ପ୍ରଦାନ କରାଯିବ । କ୍ଷତିଗ୍ରସ୍ତ ମାଛ ଚାଷୀଙ୍କୁ ମାଛ ପୋଖରୀ ମରାମତି ବାବଦକୁ ହେକ୍ଟର ପିଛା୧୨,୨୦୦ ଟଙ୍କାର ସହାୟତା ଦିଆଯିବଏବଂ ହେକ୍ଟର ପିଛା ୮,୨୦୦ ଟଙ୍କାର ଇନପୁଟ୍ ସବସିଡି ଦିଆଯିବ । ଏହା ବ୍ୟତୀତ ବନ୍ୟା ପ୍ରଭାବିତ ଅଂଚଳରେ ବନ୍ୟା ପାଣି ଛାଡିବା ପରେ ମନରେଗା ଯୋଜନାରେ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣା, ଖେଳପଡିଆ, କେନାଲ , ମାଟି ବନ୍ଧ, ଗ୍ରାମ ଆଦି ମରାମତି କରାଯିବ । ଉଲ୍ଲେଖ୍ୟଯୋଗ୍ୟ ଯେ ଅଗଷ୍ଟ ମାସରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ବନ୍ୟା ଆସିବା ଫଳରେ ୨୦ ଟି ଜିଲ୍ଲା ପ୍ରଭାବିତ ହୋଇଥିଲା ।

## ୧୪ରୁ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା



ଭୁବନେଶ୍ୱର,୧୧।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୪ ତାରିଖରୁ ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ଆରମ୍ଭ ହେବ । ଏହାସହ ଓପନ୍ ସ୍କୁଲ ସପପ୍ଲିମେଂଟାରୀ ପରୀକ୍ଷା ମଧ୍ୟ ସେହି ଦିନ ଠାରୁ ଆରମ୍ଭ ହେବ । ମୋଟ୍ ୩୫,୫୮୮ ଛାତ୍ରଛାତ୍ରୀ ସପ୍ଲିମେଂଟାରୀ ପରୀକ୍ଷା ଦେବେ ।୨୨,୬୪୯ ଛାତ୍ରଛାତ୍ରୀ ମାଟ୍ରିକ୍ ସପ୍ଲିମେଂଟାରୀ ଏବଂ ୧୨,୯୩୯ ଛାତ୍ରଛାତ୍ରୀ ଓପନ୍ ସ୍କୁଲ ସପ୍ଲିମେଂଟାରୀ ପରୀକ୍ଷା ଦେବେ । ଉଭୟ ପରୀକ୍ଷା ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ପରୀକ୍ଷା ବେଳେ କୋଭିଡ୍ ଗାଇଡ୍ ଲାଇନ୍ କୁ କଡାକଡି ଭାବେ ପାଳନ କରିବାକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ ମାଟ୍ରିକ୍ ସପ୍ଲିମେଂଟାରୀ ପାଇଁ ୧୫୩ ଟି ପରୀକ୍ଷା କେନ୍ଦ୍ର ଓ ୧୩ ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିବା ବେଳେ ଓପନ୍ ସ୍କୁଲ ସପ୍ଲିମେଂଟାରୀ ପାଇଁ୮୮ ଟିପରୀକ୍ଷା କେନ୍ଦ୍ର ଓ ୭ ଟି ମୂଲ୍ୟାୟନ କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଂଟ ମାନଙ୍କୁ କୋଭିଡ୍ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲାପାଳ ମାନେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ପରୀକ୍ଷା କେନ୍ଦ୍ର ବାହାରେ ସୁରକ୍ଷା ବ୍ୟବସ୍ଥା କରିବାକୁ ପୋଲିସ୍ ପ୍ରଶାସନ କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ପ୍ରତ୍ୟେକ ଦିନ ପରୀକ୍ଷା ପରେ ପରୀକ୍ଷାକେନ୍ଦ୍ରରେ ସାନିଟାଇଜ୍ କରାଯାଇଛି କି ନାହିଁ ତଦାରଖ କରବାକୁ କୁହାଯାଇଛି ।

## ନିଟ୍ ପରୀକ୍ଷା ପାଇଁ ରବିବାର ବନ୍ଦ ରହିବ ୟୁନିଟ୍-୧ ମାର୍କେଟ୍

ଭୁବନେଶ୍ୱର,୧୧।୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଅର୍ଥାତ୍ ରବିବାର ଦିନ ୟୁନିଟ୍-୧ ମାର୍କେଟ୍ ବନ୍ଦ ରହିବ । ସେହି ଦିନ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ଅନୁଷ୍ଠିତ ହେବାକୁ ଥିବା ବେଳେ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ଭିଡ଼କୁ ନିୟନ୍ତ୍ରଣ କରିବାର ପଦକ୍ଷେପ ଭାବରେ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନ୍ (ବିଏମସି) ୟୁନିଟ୍-୧ ମାର୍କେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି । ବିଭିନ୍ନ ବିକ୍ରେତା ସଙ୍ଗଠନର ସଭାପତିଙ୍କୁ ଲେଖିଥିବା ଚିଠିରେ ବିଏମସି କହିଛି ଯେ କୋଭିଡ-୧୯ ମହାମାରୀ ମଧ୍ୟରେ ୟୁନିଟ୍-୧ରେ ଥିବା ମଦର ପବ୍ଲିକ୍ ସ୍କୁଲରେ ଏକ ନିଟ୍ ପରୀକ୍ଷା କେନ୍ଦ୍ର ହୋଇଥିବା ହେତୁ ସତର୍କତାମୂଳକ ସେପ୍ଟେମ୍ବର ୧୩ ତାରିଖରେ ୟୁନିଟ୍-୧ ମାର୍କେଟ୍ ବନ୍ଦ ରହିବ । ବିଏମସି ପକ୍ଷରୁ ୟୁନିଟ୍-୧ ମାର୍କେଟର ସମସ୍ତ ସଦସ୍ୟଙ୍କୁ କଡ଼ାକଡ଼ି ଭାବରେ ଉକ୍ତ ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ ଭୁବନେଶ୍ୱରର ୩୧ ଟି କେନ୍ଦ୍ରରେ ପୂର୍ବାହ୍ନ୧୧ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନିଟ୍ ପରୀକ୍ଷା ଅନୁଷ୍ଠିତ ହେବ ଏବଂ ୧୫ହଜାରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

## ଆଜିଠାରୁ ପଶ୍ଚିମବଙ୍ଗକୁ ସ୍ୱାଭାବିକ ହେବ ଟ୍ରେନ୍ ଚଳାଚଳ



ଭୁବନେଶ୍ୱର,୧୧।୯ (ନି.ପ୍ର): ଆସନ୍ତାକାଲି (ଶନିବାର) ପଶ୍ଚିମବଙ୍ଗରେ ସମ୍ପୂର୍ଣ୍ଣ ଲକଡାଉନକୁ ଉଠାଇ ଦିଆଯିବା ଦ୍ୱାରା ଏହି ଦିନ ପାଇଁ ବାତିଲ, ଆଂଶିକ ବାତିଲ ଓ ରହଣି ପ୍ରତ୍ୟାହାର କରାଯାଇଥିବା ଟ୍ରେନ ଗୁଡିକ ସ୍ୱାଭାବିକ ଭାବେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି । ୦୨୦୭୪/୦୨୦୭୩ ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ଜନ ଶତାବ୍ଦୀ ଏକ୍ସପ୍ରେସ ୧୨ ତାରିଖ ଦିନ ସ୍ୱାଭାବିକ ଭାବେ ଉଭୟ ପାର୍ଶ୍ୱରୁ ନିର୍ଧାରିତ ସମୟାନୁସାରେ ଚଳାଚଳ କରିବ । ୦୨୨୪୫ ହାଓଡ଼ା-ଯଶୋବନ୍ତପୁର ଦୁରନ୍ତ ଏକ୍ସପ୍ରେସ ହାଓଡ଼ା ଠାରୁ ୧୨ ତାରିଖ ଦିନ ସ୍ୱାଭାବିକ ଭାବେ ଚଳାଚଳ କରିବ । ସେହିପରି ସେପ୍ଟେମ୍ବର ୧୧ ତାରିଖ ଦିନ ସିକନ୍ଦରାବାଦ ଠାରୁ ଛାଡୁଥିବା ୦୨୭୦୪ ସିକନ୍ଦରାବାଦ-ହାଓଡ଼ା ଫଲକନାମା ସ୍ୱତନ୍ତ୍ର ଏକ୍ସପ୍ରେସ ଏବଂ ୧୨ ତାରିଖ ଦିନ ହାଓଡ଼ା ଠାରୁ ଛାଡିବାକୁ ଥିବା ୦୨୭୦୩ ହାଓଡ଼ା-ସିକନ୍ଦରାବାଦ ଫଲକନାମା ସ୍ୱତନ୍ତ୍ର ଏକ୍ସପ୍ରେସ ସ୍ୱାଭାବିକ ଭାବେ ଉଭୟ ପାର୍ଶ୍ୱରୁଚଳାଚଳ କରିବ । ସେପ୍ଟେମ୍ବର ୧୨ ଦିନ ଭୁବନେଶ୍ୱରରୁ ଛାଡିବାକୁ ଥିବା ଏବଂ ସେପ୍ଟେମ୍ବର ୧୧ ଦିନ ଦିଲ୍ଲୀ ଛାଡିଥିବା ରାଜଧାନୀ ସ୍ୱତନ୍ତ୍ର ଟ୍ରେନ ଏବଂ ସେପ୍ଟେମ୍ବର ୧୧ ତାରିଖ ଦିନ ଉଭୟ ଦିଲ୍ଲୀ ଓ ଭୁବନେଶ୍ୱରରୁ ଛାଡୁଥିବା ପୁରୁଷୋତମ ସ୍ୱତନ୍ତ୍ର ଟ୍ରେନ ଏହାର ନିର୍ଦ୍ଧାରିତ ଷ୍ଟେସନ ମାନଙ୍କରେ ରହଣି କରିବ ବୋଲି ରେଳବାଇ ସୂଚନା ଦେଇଛି ।

# ରାଜ୍ୟରେ ୭୦୦ ଟପିଲା କରୋନା ମୃତ୍ୟୁ ସଂଖ୍ୟା

## ୨୪ ଘଂଟାରେ ଆଉ ୧୪ ଜଣ ମୃତ




ଭୁବନେଶ୍ୱର,୧୧।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୦୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ପାଂଚ ଜଣ, ପୁରୀ ଜିଲ୍ଲାରେ ୩ ଜଣ, ମୟୂରଭଂଜ ଜିଲ୍ଲାରେ ୨ ଜଣ ତଥା କଟକ, କୋରାପୁଟ, କଳାହାଂଡି, ସମ୍ବଲପୁର ଜିଲ୍ଲାରୁ ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୫୧ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ. ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଭୁବନେଶ୍ୱରର ଜଣେ ୭୪ ବର୍ଷୀୟା ମହିଳା କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୭୧ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପାଡିତ ଥିଲେ । ଖୋର୍ଦ୍ଧା ଜିଲ୍ଲାର ଜଣେ ୪୯ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୮୦ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ. ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଳାହାଣ୍ଡି ଜିଲ୍ଲାର ଜଣେ ୬୧ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କୋରାପୁଟ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଅନ୍ୟ ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ପୁରୀ ଜିଲ୍ଲାର ▶▶ପୃଷ୍ଠା ୭

## ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ଶିଶୁ ବିକାଶ ମନ୍ତ୍ରୀ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୧।୯ (ନି.ପ୍ର): ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଶୁକ୍ରବାର ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି, ମୋର କୌଣସି ଲକ୍ଷଣ ଦେଖାଯାଇନାହିଁ । କିନ୍ତୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମୁଁ ହୋମ୍ ଆଇସୋଲେସନରେ ଅଛି । ମୋ ସଂପର୍କରେ ଯେଉଁମାନେ ଆସିଛନ୍ତି, ଦୟାକରି ସେମାନେ ପରୀକ୍ଷା କରାଇ ନିଅନ୍ତୁ । ଶୁକ୍ରବାର ଦିନ ସକାଳେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଏ ନେଇ ସେ ନିଜେ ଟ୍ୱିଟ୍ କରି ସୂଚନା ଦେଇଥିଲେ । ସେ କହିଛନ୍ତି ଯେ ସେ ଘରେ ସଙ୍ଗରୋଧରେ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସ୍ଥିର ଅଛି । ଗତ କିଛି ଦିନ ହେବ ତାଙ୍କ ସହ ଯୋଗାଯୋଗରେ ଆସିଥିବା ଲୋକଙ୍କୁ ନିଜକୁ ପରୀକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି । ପୂର୍ବରୁ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା, ପୋଲସରା ବିଧାୟକ ▶▶ପୃଷ୍ଠା ୭

## ଅକ୍ଟୋବରରୁ ଖୋଲିପାରେ ନନ୍ଦନକାନନ




ଭୁବନେଶ୍ୱର,୧୧।୯ (ନି.ପ୍ର): ଅକ୍ଟୋବର ମାସରୁ ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଖୋଲିପାରେ । ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ୍ କହିଛନ୍ତି ଯେ ଅକ୍ଟୋବର ପ୍ରଥମ ସପ୍ତାହରୁ ପ୍ରାଣୀ ଉଦ୍ୟାନ୍ ଖୋଲିବାକୁ ବିଚାର କରାଯାଇଛି । ତେବେ କେବେ ଖୋଲିବ ଏବଂ କୋଭିଡ୍ କଟକଣା ମାନି କେତେ ସଂଖ୍ୟକ ପର୍ଯ୍ୟଟକ ଏକସଙ୍ଗେ ଯାଇପାରିବେ ସେ ସମ୍ପର୍କରେ ବିଚାର ବିମର୍ଷ ଚାଲିଛି । ଉଲ୍ଲେଖ୍ୟଯୋଗ୍ୟଯେ କରୋନା ସଂକ୍ରମଣ ଯୋଗୁଁ ,ଗତ ମାର୍ଚ୍ଚ ୧୫ ତାରିଖ ଠାରୁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ ରହିଛି ।

## ବାଲେଶ୍ୱରରେ ଖୋଲିବ କୋଭିଡ୍ ହସ୍ପିଟାଲ



ଭୁବନେଶ୍ୱର,୧୧।୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଖୋଲିବ ଆଉ ଏକ କୋଭିଡ୍ ହସ୍ପିଟାଲ । ଖୁବ୍ ଶୀଘ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ମଧ୍ୟରେ ଏକ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କରାଯିବ । ଏଥିରେ ଗୋଟିଏ ଆଇସିୟୁ , କେବଳ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ୨ ଟି ଅପରେସନ୍ ଥିଏଟର ରହିବ । ଏହାର ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଅସୀତ୍ ତ୍ରିପାଠୀ ସୂଚନା ଦେଇଛନ୍ତି । ଶୁକ୍ରବାର ଦିନ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର,ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ତଥା କୋଭିଡ୍ ପର୍ଯ୍ୟବେକ୍ଷକ ମଧୁସୂଦନ ପାଢୀ ଓ ଡଏମଇଟି ଡା. ସିବିକେ ମହାନ୍ତି ବାଲେଶ୍ୱର ଜିଲ୍ଲା ଗସ୍ତ କରି କରୋନା ପରିଚାଳନାର ସମୀକ୍ଷା କରିଥିଲେ । ସମୀକ୍ଷା ପରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ବଲେଶ୍ୱର ଜିଲ୍ଲାରେ କରୋନା ଜନିତ ମୃତ୍ୟୁ କମ୍ ରହିଛି । ରାଜ୍ୟରେ କରୋନା ମୃତ୍ୟୁର ୦.୫ % ରହିଥିବା ▶▶ପୃଷ୍ଠା ୭

# ଉନ୍ନୟନ କମିଟି ପକ୍ଷରୁ ସହିଦ ବୀର ବାଘାଯତୀନଙ୍କ ବଳିଦାନ ଦିବସ



ବାଲେଶ୍ୱର,୧୦।୯(): ବାଘା ଯତୀନ ଉନ୍ନୟନ କମିଟି ପକ୍ଷରୁ ସହିଦ ବୀର ବାଘାଯତୀନ ଓ ସାଥୀଙ୍କ ୧୦୫ ତମ ବଳିଦାନ ଦିବସ ସ୍ଥାନୀୟ ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜି ପାଳିତ ହୋଇଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ସମୀତ ବ୍ୟକ୍ତିଙ୍କ ଉପସ୍ଥିତି ସମ୍ପନ୍ନ କରାଯାଇଥିବା ଦେଖିବାକୁ ମିଳିଥିଲା। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକ ଏଥିରେ ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାଣ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବୀର ବାଘାଯତୀନ ଶେଷ ନିଶ୍ୱାସ ତ୍ୟାଗ କରିଥିବା ତତ୍କାଳୀନ ଜିଲ୍ଲା ଚିକିତ୍ସାଳୟ ତଥା ବର୍ତ୍ତମାନର ଏହି ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଆମ ସମସ୍ତଙ୍କ ପାଇଁ ତୀର୍ଥଭୂମି ବୋଲି ଶ୍ରୀ ନାୟକ କହିଥିଲେ। ଶହୀଦ ବୀରଙ୍କ ପାଇଁ ବାଲେଶ୍ୱର ମାଟି ଆଜି ଧନ୍ୟ ହୋଇଯାଇଛି ବୋଲି ସେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଟିର କର୍ମକର୍ତ୍ତା ସୁଜିତ୍ ଦେବ, ହରେନ୍ ରଣା, ପଦ୍ମଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ, ଜ୍ୟୋତ୍ସ୍ନା ସେନାପତିଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ବାଘାଯତୀନଙ୍କ ଦେହାନ୍ତ ହୋଇଥିବା କୋଠରୀରେ ଶହୀଦଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପ ଦାନ କରାଯାଇଥିଲା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଭୁବନ ସିଏଚସି ରେ ଆଜି ୭୦ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, ୧୦ ସେପ୍ଟେମ୍ବର (ହି.ସ.)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୭୦ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୮୦୮ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଏକବିଂଶ ଶତାବ୍ଦୀରେ ବିଦ୍ୟାଳୟ ଶିକ୍ଷା ଶୀର୍ଷକ ଅଧିବେଶନକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୦ ସେପଟ୍ଟେମ୍ବର (ହି.ସ.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିନ ୧୧ଟା ବେଳେ 'ଏକବିଂଶ ଶତାବ୍ଦୀରେ ବିଦ୍ୟାଳୟ ଶିକ୍ଷା' ଶୀର୍ଷକ ଅଧିବେଶନରେ ତାଙ୍କର ଅଭିଭାଷଣ ରଖିବେ । ଜାତୀୟ ଶିକ୍ଷା ନୀତି ୨୦୨୦ (ଏନଇପି ୨୦୨୦) ଅଧୀନରେ ହେଉଥିବା ଏହି ଅଧିବେଶନକୁ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ସମ୍ବୋଧିତ କରିବେ । ଶିକ୍ଷା ପର୍ବର ଅଂଶବିଶେଷ ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ଏହି ଅଧିବେଶନର ଆୟୋଜନ କରିଛି । ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗତ ୭ ତାରିଖ ଦିନ ତାଙ୍କର ଉଦଘାଟନୀ ଅଭିଭାଷଣ ଦେଇସାରିଛନ୍ତି । ଏହା ବ୍ୟତୀତ ଶ୍ରୀ ମୋଦୀ ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ସେହିଦିନ ରାଜ୍ୟପାଳମାନଙ୍କ ସମ୍ମିଳନୀକୁ ମଧ୍ୟ ସମ୍ବୋଧିତ କରିଥିଲେ । ଏନଇପି ୨୦୨୦ ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷା ନୀତି ଯାହାକି ଦୀର୍ଘ ୩୪ ବର୍ଷ ପରେ ଘୋଷିତ ହୋଇଛି । ଏହାପୂର୍ବରୁ ୧୯୮୬ରେ ଜାତୀୟ ଶିକ୍ଷା ନୀତି ଘୋଷିତ ହୋଇଥିଲା । ଜାତୀୟ ଶିକ୍ଷା ନୀତି ୨୦୨୦ରେ ଉଭୟ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅନେକ ପ୍ରମୁଖ ସଂସ୍କାର ଅଣାଯାଇଛି । ନୂତନ ଜାତୀୟ ଶିକ୍ଷା ନୀତି ଦେଶକୁ ପ୍ରଗତିଶୀଳ ଜ୍ଞାନଯୁକ୍ତ ସମାଜରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଏହି ଶିକ୍ଷା ନୀତିରେ ନିହିତ କେତେକ ବିଷୟ ଭାରତକୁ ବିଶ୍ୱରେ ଏକ ସୁପର ପାୱାରରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ । ଏନଇପି ୨୦୨୦ ଦେଶର ବିଦ୍ୟାଳୟ ଶିକ୍ଷାରେ ଏକ ବିରାଟ ସଂସ୍କାର ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଦ୍ୟାଳୟରେ ୮ ବର୍ଷ ସ୍ତରର ପିଲାଙ୍କ ପର୍ଯ୍ୟନ୍ତ ଶିଶୁର ଯତ୍ନ ଓ ଶିକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ବିଦ୍ୟାଳୟରେ ଥିବା ୧୦+୨ ପଦ୍ଧତିକୁ ୫+୩+୩+୪ ଶିକ୍ଷା ପଦ୍ଧତିରେ ପରିବର୍ତ୍ତିତ କରାଯାଇଛି । ଏକବିଂଶ ଶତାବ୍ଦୀ ପାଇଁ ଗାଣିତିକ ଓ ବୈଜ୍ଞାନିକ ଚିନ୍ତନ ଓ ଏକ ନୂତନ ଚିନ୍ତାଧାରା ବିଦ୍ୟାଳୟ ଶିକ୍ଷାରେ ଅନ୍ତର୍ଭୁକ୍ତ କରାଯାଇଛି । ଶିକ୍ଷକମାନଙ୍କ ପାଇଁ ଜାତୀୟ ବୃତ୍ତିଗତ ମାନ, ବିଭିନ୍ନ ସଂସ୍କାରର ଆକଳନ, ଶିଶୁର ପ୍ରଗତିର ସମୀକ୍ଷା ଏବଂ ଷଷ୍ଠ ଶ୍ରେଣୀଠାରୁ ବୃତ୍ତିଗତ ଶିକ୍ଷାକୁ ମୂଳ ଶିକ୍ଷା ସହ ସାମିଲ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆହ୍ୱାନ ଦିଆଯାଇଥିବା ଆତ୍ମନିର୍ଭର ଭାରତର ଗଠନ ପାଇଁ ନୂତନ ଶିକ୍ଷା ନୀତିରେ ଥିବା ବ୍ୟବସ୍ଥାମାନ ବିଶେଷ ସହାୟକ ହେବ । ସେପ୍ଟେମ୍ବର ୮ ରୁ ୨୫ ପର୍ଯ୍ୟନ୍ତ ଶିକ୍ଷକ ପର୍ବ ପାଳନ କରାଯାଇ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ଶିକ୍ଷା ନୀତି ୨୦୨୦କୁ ଆଗକୁ ବଢାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ୱେବିନାର, ଭର୍ଚୁଆଲ ସମ୍ମିଳନୀ ଓ ଅଧିବେଶନମାନ ନୂତନ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ବିଷୟବସ୍ତୁ ଉପରେ ଦେଶବ୍ୟାପୀ ଆୟୋଜିତ ହେଉଛି ।

# କଣାସ ବ୍ଲକରେ ୭ ହଜାର ହେକ୍ଟର ଧାନ ଫସଲ ଉଜୁଡ଼ିଲା

କଣାସ, ୧୦ ସେପ୍ଟେମ୍ବର (ହି.ସ.)- ପୁରୀ ଜିଲ୍ଲା କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ତାହାର ଶାଖାନଦୀ ରାଜୁଆ, ମକରା, ଲୁଣାନଦୀରେ ଅଧିକ ମାତ୍ରାରେ ବନ୍ୟାଜଳ ପ୍ରଭାବିତ ହେବା ଫଳରେ କଣାସ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ତମାନ ବନ୍ୟାଜଳ ନଦୀ ଧାରକୁ ଖସି ଯାଇଥିବା ବେଳେ ଦୟା ଓ ରାଜୁଆନଦୀର ମଧ୍ୟବର୍ତୀ ଅଂଚଳ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଗ୍ରାମପଚାଂୟତର ଧାନଜମିଗୁଡିକ ଦୀର୍ଘ ୧୫ ଦିନ ହେଲା ବୁଡି ରହିବା ମାଟିଆପଡା ଠାରେ ଦୟାନଦୀରେ ଗତ ୨୯ତାରିଖ ଦିନ ଘାଇହେବାରୁ ପାଣ୍ଡିଆକେରା, ଗଡବଡପୁଟ, ଗଡସାନପୁଟ ଗ୍ରାମପଚାଂୟତ ଦୀର୍ଘ ୧୫ଦିନ ହେଲା ବୁଡିରହିବାରୁ ଧାନଫସଲଗୁଡିକ ପଚିନଷ୍ଟ ହୋଇଯାଇଛି । ଫଳରେ ଚାଷୀ ମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଚଳିତ ବର୍ଷ ପାଣିପାଗର ପରିବର୍ତନ ଯୋଗୁଁ ବିଳମ୍ବରେ ମୌସୁମୀ ପ୍ରବାହ ହେବାରୁ ଅନେକ ଚାଷୀ ବିଭିନ୍ନ ସ୍ଥାନରୁ ତଳି ସଂଗ୍ରହ କରି ଧାନଜମି ରୁଆଇଥିଲେ । ଦୀର୍ଘ ୧୫ ଦିନ ଧରି ଜମିରେ ବନ୍ୟାପାଣି ଲହଡା ଭାଙ୍ଗିବାରୁ ଧାନଗଛ ଗୁଡିକ ସଢି ନଷ୍ଟ ହୋଇଯାଇଛି । ବ୍ଲକରେ ପ୍ରାୟ ୭ ହଜାର ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଛି । ଚାଷୀମାନେ ବାରମ୍ବାର ବିପର୍ଯ୍ୟୟର କ୍ଷତିଗ୍ରସ୍ତ ହୋଇ ବିଭିନ୍ନ ସମବାୟ ସମିତି, ବ୍ୟାଙ୍କ, ଗ୍ରାମ୍ୟ ମହାଜନ ମାନଙ୍କଠାରୁ ଋଣ ଆଣି ଧାନଚାଷ କରିଥିଲେ । ହେଲେ ବନ୍ୟାଜନିତ କ୍ଷତି ଯୋଗୁଁ ସେମାନେ କିପରି ଏହି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ରହିଛନ୍ତି । ସେହିପରି କଂଟି ଓ ଭାରତୀପୁର କାଜରୁ ବନ୍ୟାଜଳ ନିର୍ଗତ ହେବାରୁ ଦୟା ଓ ଲୁଣାନଦୀର ମଧ୍ୟବର୍ତୀ ଅଂଚଳ ତ୍ରିଲୋଚନପୁର, ସିରେଇ, ଅଣ୍ଡାଳସିଂହ, ବିଜିପୁର, ଗ୍ରାମପଚାଂୟତର କେତେଗୁଡିଏ ଗ୍ରାମ ଧାନଜମି ବନ୍ୟାଜଳରେ ବୁଡିରହିବାରୁ ସେଗୁଡିକ ମଧ୍ୟ ପଚିନଷ୍ଟ ହୋଇଯାଇଛି । ନଦୀରେ ବନ୍ୟାଜଳ ବହୁଦିନ ଧରି ବିପଦ ସଂକେତ ଉପରେ ରହିବାରୁ ଲଘୁଚାପ ଜନିତ ବର୍ଷାଜଳ ଦ୍ୱାରା ବକୁ, ଦିବ୍ୟସିଂହପୁର, ଦେଇପୁର, ଗଡଖାରଦ, ସାହୁପଡା, ବଡାଳ, ଦୋଛିଆଁ, କାଦୁଆ, ଗୋପିନାଥପୁର ପଚାଂୟତର ଧାନଜମି ଦୀର୍ଘଦିନ ହେଲା ବୁଡିରହିବାରୁ ସେସବୁ ଜମିରେ ବ୍ୟାପକ ଧାନ ଫସଲ ପଚିସଢ଼ି ନଷ୍ଟ ହୋଇଛି । ଚାଷୀମାନଙ୍କର ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କ ପାଖରେ କୌଣସି ସରକାରୀ ଅଧିକାରୀ ପହଂଚିନଥିବାରୁ ଚାଷୀମାନଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ତୁରନ୍ତ କ୍ଷତିଗ୍ରସ୍ତ ଚାଷଜମିଗୁଡିକ ଚିହ୍ନଟ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ କଣାସ ଅଂଚଳର ଚାଷୀମାନେ ଦାବି କରିଛନ୍ତି।

## ମେଗା ପାନୀୟ ଜଳ ବଂଟନ କାର୍ଯ୍ୟାଳୟ ସ୍ଥାନାନ୍ତର ଚକ୍ରାନ୍ତକୁ ବିରୋଧ

ନୂଆପଡା, ୧୦ ସେପ୍ଟେମ୍ବର (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୩ ଠାରେ ମେଗା ପାନୀୟ ଜଳ ବଂଟନ ପ୍ରକଳ୍ପ କାର୍ଯ୍ୟାଳୟ ନୂତନ ଭାବରେ ନିର୍ମାଣ ହୋଇ ସମ୍ପୂର୍ଣ୍ଣ ହୋଇ ସାରିଛି । ବର୍ତମାନ ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ଅପେକ୍ଷାରେ ରହିଅଛି । ହେଲେ ଏହି ପାନୀୟ ଜଳ ବଂଟନ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି । ନିକଟରେ ଖଡିଆଳ ସ୍ଥିତ ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ମଧ୍ୟ ସ୍ଥାନାନ୍ତର ଉଦ୍ୟମ କରିଥିଲେ । ଏହାକୁ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଏବଂ ଖଡିଆଳ ବୁଦ୍ଧିଜୀବୀ ବିରୋଧ କରିଥିଲେ । ପରେ ବିଧାୟକଙ୍କ ହସ୍ତକ୍ଷେପ ପରେ ତାହା ସ୍ଥଗିତ ରହିଅଛି । ସେହିପରି ମେଗା ପାନୀୟ ଜଳ ବଂଟନ କାର୍ଯ୍ୟାଳୟ ପୂର୍ବ ଭଳି ଖଡିଆଳ ଠାରେ କାର୍ଯ୍ୟ କରିବାକୁ ଦାବୀ ହେଉଛି । ନଚେତ ଆଗାମୀ ଦିନରେ ଖଡିଆଳ ଅଂଚଳବାସୀ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ମାଓବାଦୀ ଆକ୍ରମଣରେ ମୟୂରଭଞ୍ଜ ମାଟିର ଯବାନ ଶହୀଦ

ବାରିପଦା(ନି.ପ୍ର.) ତା-୧୦/୦୯- ମୟୂରଭ ମାଟିର ପୁଣି ଜଣେ ବୀର ଯବାନ ଦେଶମାତୃକାର ସୁରକ୍ଷା ପାଇଁ ନିଜ ପ୍ରାଣର ବଳିଦାନ ଦେଇଛି । କଳାହାଣ୍ଡି-କନ୍ଧମାଳ ସୀମା'ରେ ପୋଲିସ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଦୁଇ ଏସଓଜି ଯବାନ ଶହିଦ ହୋଇଛଁ । ସେହି ଦୁଇ ଶହିଦ ଏସଓଜି ଯବାନଙ୍କ ମଧ୍ୟରୁ ଜଣେ ହେଲେ ମୟୁରଭ ଜିଲ୍ଲାର ସୁଧୀର କୁମାର ଟୁଡୁ । ଜିଲାର ଶୁଳିଆପଦା ଥାନା ଅ'ର୍ଗତ ବାଘଡ଼ା ପଂଚାୟତ ସାନ ଭଦୁଆଶୋଳ ଗ୍ରାମରେ ଶହୀଦ ଏସ୍ଓଜି ଯବାନ ସୁଧୀର କୁମାର ଟୁଡୁଙ୍କ ଘର । ରିଜର୍ଭ ଫାଷ୍ଟ ବାଟାଲିୟନରେ କାର୍ଯ୍ୟରତ ଥିବା ୨୮ବର୍ଷୀୟ ଯବାନ ସୁଧୀରଙ୍କ ଘରେ ମାଆ ଯମୁନା ଟୁଡୁ(୫୫) ଓ ଜଣେ ସାନଭାଇ ସୁନାରାମ ଅଛଁ । ପୂର୍ବରୁ ତାଙ୍କ ବାପାଙ୍କ ପରଲୋକ ହୋଇସାରିଛି । ୨୦୧୩ ମସିହାରେ ସୁଧୀର ପ୍ରଥମେ କୋରାପୁଟ ଓ ପରେ କଳାହାଣ୍ଡି ଜିଲାରେ କାର୍ଯ୍ୟ କରୁଥିଲେ । ୬ ମାସ ପୂର୍ବେ କଳାହାଣ୍ଡି ଜିଲାରେ ରହି ମାଓବାଦୀ ଅପରେଶନରେ ସାମିଲ ଥିଲେ । ବୁଧବାର କଳାହାଣ୍ଡି-କନ୍ଧମାଳ ସୀମା' ରାମପୁର ଥାନା ସିର୍ଜି ଜଙ୍ଗଲରେ ଅପରେଶନ ସମୟରେ ମାଓବାଦୀଙ୍କ ଗୁଳିର ଶିକାର ହୋଇଥିଲେ । ଶହୀଦଙ୍କ ଉପରେ ନିଜ ପରିବାର ସହ ଦାଦାଙ୍କ ପରିବାର ମଧ ନିର୍ଭରଶୀଳ ଥିଲେ । ଘରର ଏକମାତ୍ର ରୋଜଗାରିଆ ପୁଅ ସୁଧୀରଙ୍କ ଶହୀଦ ହେବା ଖବର ଗୁରୁବାର ସ୍ଥାନୀୟ ଶୁଳିଆପଦା ପୋଲିସ ପରିବାର ଲୋକଙ୍କୁ ଜଣାଇଥିଲେ । ଏହା ଶୁଣି ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସମ୍ପର୍କୀୟ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ପରିବାର ନିକଟରେ ପହଂଚି ସମବେଦନା ଜଣାଇ ଥିବାବେଳେ ସ୍ଥାନୀୟ ପୋଲିସ ପହଂଚି ଶେଷକୃତ୍ୟ ପାଇଁ ସମସ୍ତ ଆୟୋଜନ କରିଛି । ତେବେ ଶୁକ୍ରବାର ସୁଧୀରଙ୍କ ମର ଶରୀର ଗ୍ରାମରେ ପହଂଚିବ ବୋଲି ସୂଚନା ମିଳିଛି ।

# ବିକ୍ରମଦେବ କଲେଜରେ ଛାତ୍ର ଅଶାନ୍ତି : ଶେଷ ବର୍ଷର ପରୀକ୍ଷା ଅଫ୍ ଲାଇନ ବଦଳରେ ଅନ ଲାଇନରେ କରିବାକୁ ଦାବୀ

ଜୟପୁର, ୧୦ ସେପ୍ଟେମ୍ବର (ହି.ସ.)- ଶେଷ ବର୍ଷ ପରୀକ୍ଷା ଅନ୍ ଲାଇନରେ କରିବାକୁ ଦାବୀ କରି ବିକ୍ରମଦେବ କଲେଜରେ ଛାତ୍ର ଅଶାନ୍ତି ଦେଖାଯାଇଛି । ସାରା ରାଜ୍ୟରେ ବହୁ ମହାବିଦ୍ୟାଳୟରେ ଅନଲାଇନରେ ପରୀକ୍ଷା କରୁଥିବା ବେଳେ ଏଠାରେ ଅଫ୍ ଲାଇନରେ କରାଯାଉଛି । କରୋନା କଟକଣା ପାଇଁ ସ୍କୁଲ କଲେଜ ବନ୍ଦ ରହିଥିବା ବେଳେ ସରକାର ଶେଷ ବର୍ଷ ପରୀକ୍ଷା କରିବା ପାଇଁ ନିଷ୍ପତି ନେଇଛନ୍ତି । ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ଜୟପୁର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ ଶେଷ ବର୍ଷ ପରୀକ୍ଷା ଅଫ୍ ଲାଇନରେ କରିବା ପାଇଁ ନୋଟିସ୍ ଜାରି କରିଛନ୍ତି । ଟାଇମ ଟେବୁଲ ମଧ ବାହାରିଛି । ଏହାକୁ ନେଇ ଛାତ୍ର ଅଶାନ୍ତି ଦେଖାଯାଇଛି । ଆଜି କଲେଜର ଶେଷ ବର୍ଷର ଛାତ୍ର ଛାତ୍ରୀ ମାନେ କଲେଜ ଅଧକ୍ଷ ଗୋପାଳ ହାଲଦାରଙ୍କ ସହ ସାକ୍ଷାତ କରିଛନ୍ତି । ଛାତ୍ର ଛାତ୍ରୀ ମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଫ୍ ଲାଇନ ଓ ଅନ ଲାଇନରେ ପରୀକ୍ଷା କରିବା ପାଇଁ ନିଷ୍ପତି ନେଇଥିବା ବେଳେ ରାଜ୍ୟର ଅନ୍ୟ ମହାବିଦ୍ୟାଳୟରେ ମଧ ଅନ ଲାଇନରେ ପରୀକ୍ଷା କରିବାକୁ ସ୍ଥିର କରିଛନ୍ତି । ବର୍ତମାନ ମହାମାରୀ କରୋନାରେ ସାରା ବିଶ୍ୱ ଘାଂଟି ହୋଉଥିବା ବେଳେ କୋରାପୁଟ ଜିଲାରେ ମଧ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । ଛାତ୍ରଛାତ୍ରୀ ମାନେ ବସରେ ପେଲା ଠେଲା ହୋଇ ଆସିବେ, ବାହାର ଜିଲାରୁ ମଧ ଛାତ୍ର ଛାତ୍ରୀ ଆସିବେ ପରୀକ୍ଷା ଦେବେ । ଯଦି କୌଣସି ପରୀକ୍ଷାର୍ଥି କରୋନାରେ ଆକ୍ରାନ୍ତ ହେଲେ କିଏ ଦାୟୀ ରହିବେ । ପରୀକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ଜୀବନ ମଧ ସେତିକି ଗୁରୁତ୍ୱପୂର୍ଣ୍ଣ ଅଟେ । କୋରାପୁଟ ଜିଲା କରୋନାର ହଟସ୍ପଟ ହୋଇଛି । ସଂକ୍ରମଣ ବ୍ୟାପିବାର ଆଶଙ୍କା ମଧ ରହିଛି । ତେଣୁ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନ ଲାଇନରେ ପରୀକ୍ଷା କରାଯାଉ । ଅନ୍ୟପକ୍ଷରେ ଛାତ୍ର ଛାତ୍ରୀଙ୍କ ଯୁକ୍ତିକୁ ଶୁଣି କଲେଜ ଅଧକ୍ଷ କହିଛନ୍ତି ଯେ, ଉକ୍ତ କଲେଜରେ ଅବିଭକ୍ତ ଜିଲାର କୋଣ ଅନୁକୋଣର ଛାତ୍ର ଛାତ୍ରୀ ମାନେ ପଢନ୍ତି । ଏଠାରେ ଇଂଟରନେଟର ସମସ୍ୟା ରହିଛି । ସମସ୍ତଙ୍କ ନିକଟରେ ମୋବାଇଲ ମଧ ନାହିଁ । ଅନ ଲାଇନ କ୍ଲାସ୍ ଚାଲୁଥିବା ବେଳେ ମାତ୍ର ୩୦ ପ୍ରତିଶତ ଛାତ୍ର ଛାତ୍ରୀ ଏଥିରେ ଭାଗ ନେଇ ପାରୁଛନ୍ତି । ଅନ ଲାଇନରେ ପରୀକ୍ଷା କଲେ ବହୁ ଛାତ୍ର ଛାତ୍ରୀ ପରୀକ୍ଷାରୁ ବଂଚିତ ହେବେ । ତେଣୁ କୋଭିଡ ନିୟମ ଅନୁଯାଇ ଗୋଟିଏ ପରୀକ୍ଷା ହଲରେ ଯେତେ ପରୀକ୍ଷାର୍ଥି ବସିବାର ନିୟମ ରହିଛି ତାର ୫୦ ପ୍ରତିଶତ ଛାତ୍ର ଛାତ୍ରୀ ପରୀକ୍ଷା ହଲରେ ବସି ପରୀକ୍ଷା ଦେବେ । ଆସନ୍ତା ସେପ୍ଟେମ୍ବର ଠାରୁ ୭ରୁ ଅକ୍ଟୋବର ମଧରେ ଯୁକ୍ତ ୩, ପିଜି, ବି.ଇଡି, ବିବିଏ, ବିସିଏର ଛାତ୍ର ଛାତ୍ରୀ ଙ୍କ ଶେଷ ବର୍ଷ ପରୀକ୍ଷା ହେବା ନେଇ ନିଷ୍ପତି ହୋଇଛି । ଚଳିତ ଶେଷ ବର୍ଷ ପରୀକ୍ଷାରେ ବିଜ୍ଞାନରେ ୨୧୭, କଳାରେ ୨୭୨, ବାଣିଜ୍ୟରେ ୨୯୪, ପିଜିରେ ୩୨୪, ବି.ଇଡିରେ ୫୦, ବିବିଏ ଓ ବିସିଏରେ ୭୧ ଜଣ ପରୀକ୍ଷା ଦେବା ପାଇଁ କଲେଜ କର୍ତୃପକ୍ଷ ବ୍ୟବସ୍ଥା କରିଥିବା ବେଳେ ଛାତ୍ର ଛାତ୍ର ମାନେ ଲିଖିତ ଭାବେ ଦେବା ପରେ ଉଚ୍ଚ କର୍ତୃପକ୍ଷଙ୍କୁ ଉକ୍ତ ପତ୍ର ପଠାଇବୁ ସରକାର ଯାହା ନିଷ୍ପତି ନେବେ ବୋଲି ଅଧକ୍ଷ କହିଛନ୍ତି । କଲେଜରେ କଟକ ଭଳି ଦୂରୁ ଦୂରାନ୍ତରେ ଛାତ୍ର ଛାତ୍ରୀ ମାନେ ପଢୁଥିବା ବେଳେ ସଂକ୍ରମଣ ବ୍ୟାପିବା ଆଶଙ୍କା କରି ଅବିଭାବକ ମାନେ ମଧ ଅଫ୍ ଲାଇନ ପରୀକ୍ଷାକୁ ବିରୋଧ କରି ଅନ ଲାଇନ କରିବାକୁ ଦାବୀ କରିଛନ୍ତି । ତେଣୁ ତୁରନ୍ତ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ଅବିଭାବକ ମାନେ ଦାବୀ କରିଛନ୍ତି ।

# ୨ ଜଣ ମେଟ ଚୟନକୁ ଗାଁ ସାଥି ସଂଘର ବିରୋଧ

ନୂଆପଡା, ୧୦ ସେପ୍ଟେମ୍ବର (ହି.ସ.)- ରାଜ୍ୟ ସରକାର ଗତ ୨୦୦୮ ମସିହାରେ ଯୋଗ୍ୟତା ଭିତିରେ ପ୍ରତି ରାଜସ୍ୱ ଗ୍ରାମରେ ୨ ଜଣ ଗାଁସାଥି ନିଯୁକ୍ତି ଦେଇଥିଲେ । ଏଥିରେ ଜଣେ ମହିଳା ଏବଂ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେହି ନିଯୁକ୍ତି ଦିନ ଠାରୁ ଗାଁ ସାଥି ମାନେ ମନରେଗା ଯୋଜନାରେ ଗ୍ରାମର ଶ୍ରମିକ ମାନଙ୍କୁ ଲଗାଇ କାର୍ଯ୍ୟ ତୁଲାଇ ଆସୁଛନ୍ତି । ସେମାନେ ଆଜକୁ ୧୨ ବର୍ଷ ହେଲା ସେମାନେ ବିନା ଦରମାରେ ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରି ଆସୁଛନ୍ତି । ହେଲେ ଗତ ଅଗଷ୍ଟ ମାସ ୧୯ ତାରିଖ ଦିନ ପଂଚାୟତିରାଜ ବିଭାଗ ଏକ ଚିଠି ମାଧ୍ୟମରେ ଗ୍ରାମରେ ପଲ୍ଲିସଭା ମାଧ୍ୟମରେ ଗ୍ରାମରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ୨ ଜଣ ମହିଳାଙ୍କୁ ଗାଁସାଥି(ମେଟ) ଭାବରେ ଚୟନ କରିବାକୁ ଉଲ୍ଲେଖ ରହିଥିବା ଗାଁସାଥି ମାନେ ଅଭିଯୋଗ କରିଛନ୍ତି । ଏହାକୁ ନୂଆପଡା ଜିଲ୍ଲା ଗାଁସାଥି ସଂଘ ବିରୋଧ କରି ଏହି ଚୟନ ପ୍ରକ୍ରୀୟାକୁ ବାତିଲ କରିବାକୁ ଦାବୀ କରିଛନ୍ତି । ଗାଁସାଥି ସଂଘର ଜିଲ୍ଲା ସଭାପତି ତୁକାରାମ ହିଆଲ, ଖଡିଆଳ ବ୍ଲକ ସଭାପତି ନମିତା ଦୀପ, କର୍ଣ୍ଣ ମାଝୀ, ବସନ୍ତ ତାଣ୍ଡି, ଗଗନେ ଜଗତ, ଅର୍ଜୁନ ବାଗ, ନିର୍ଭୟ ସିଂବାରିକ, ଟଙ୍କ ପୋଡ, ବୋଡେନ ବ୍ଲକ ସଭାପତି ରାମ ଭୋଇ, ଦିଲ୍ଲିପ ବିଭାର, କୋମନା ବ୍ଲକ ସଭାପତି ଈଶ୍ୱର ନାଗ, ସରସ୍ୱତୀ ଅହିର, ବବିତା ସୁନାନୀ, କମଳ ରଣା, ନୂଆପଡା ବ୍ଲକ ସଭାପତି ୟାଦୋରାମ ମାଝୀ, ସତ୍ୟ ପୁଞ୍ଜି, ନିରଞ୍ଜନ ରାଉତ, ସିନାପାଲି ବ୍ଲକ ସଭାପତି ପବିତ୍ର ପ୍ରଧାନ, ଗୁଆଲୁ ସୁନାନୀ, ହିମାଂଶୁ ଗହିର ସମେତ ଶତାଧିକ ଗାଁସାଥି ବିରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଗାଁସାଥିଙ୍କ ସମସ୍ୟାର ସମାଧାନ କରିବାକୁ ଦାବୀ କରିଛନ୍ତି ।

# ନାବାଳିକା ଗଣଦୁଷ୍କର୍ମ ମାମଲା : ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଓଏସପିସିଆରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦ ସେପ୍ଟେମ୍ବର – ରାଜଧାନୀରେ ନାବାଳିକା ଗଣଦୁଷ୍କର୍ମ ମାମଲାକୁ ଗମ୍ଭୀରତାର ସହ ପୋଲିସ ତଦନ୍ତ କରୁଛି । ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ବିଭିନ୍ନ ତଥ୍ୟ ସଂଗ୍ରହ କରୁଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶକ ଓ ଏହି ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଜି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସପିସିଆର)ର କମିଶନର ଭୁବନେଶ୍ୱର ପୋଲିସ୍ କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ କମିଶନରେଟ ପୋଲିସକୁ ୪୮ ଘଂଟା ମଧ୍ୟରେ ଆୟୋଗଙ୍କ ନିକଟରେ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିଜ ନିର୍ଦ୍ଦେଶନାମାରେ କହିବା ସହ ପୀଡିତା ଏବଂ ତାଙ୍କ ପରିବାରକୁ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଯୋଗାଇ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଡିସିପି କହିଛନ୍ତି ଯେ ମାମଲାର ସମସ୍ତଙ୍କ ଅଭିଯୁକ୍ତଙ୍କ ପାଖରେ ପୋଲିସ ପହଂଚିପାରିନି । ଆମକୁ ଯାହା ନିର୍ଦ୍ଦେଶ ଆସିବ ପାଳନ କରିବୁ, ରିପୋର୍ଟ ଦେବା ପାଇଁ କହିଲେ ଦବୁ । ଏଫଆଇଆରରେ ଗମ୍ଭୀରତାର ମାମଲା ରହିଛି । କିଛି ଅଭିଯୁକ୍ତଙ୍କ ପରିଚୟ ମିଳିଛି । ସାକ୍ଷୀ ମାନଙ୍କ ବୟାନ ରେକର୍ଡ ହୋଇଛି । ନାବାଳିକାଙ୍କ ମାଆଙ୍କ ଅଭିଯୋଗ ଅନୁସାରେ ତଦନ୍ତ ଚାଲିଛି । ତଦନ୍ତ ଚାଲିଥିବାରୁ କାହାରି ପରିଚୟ ପ୍ରଘଟ କରିବା ଠିକ୍ ହେବନି ବୋଲି ଡିସିପି ସୂଚନା ଦେଇଛନ୍ତି । ପୀଡିତାଙ୍କ ମା' ଓଏସପିସିଆର କମିଶନଙ୍କ ନିକଟରେ ଅଭିଯୋଗ ଅନୁଯାୟୀ, ଏହି ଘଟଣାଟି ଗତ ଏପ୍ରିଲ- ମେ ମାସରେ ଘଟିଥିଲା । ଦୀର୍ଘ ପ୍ରାୟ ୧୫ ଦିନ ଧରି ଚ୍ୟାନେଲର ଅନେକ କର୍ମଚାରୀଙ୍କ ଦ୍ୱାରା ନାବାଳିକାଟି ଗଣଦୁଷ୍କର୍ମର ଶିକାର ହୋଇଥିଲା । ସେହି ସଂସ୍ଥାରେ ରିସେପସନିଷ୍ଟ ଭାବରେ କାର୍ଯ୍ୟ କରିଥିବା ନାବାଳିକାଟିର ମା' ଏହି ଅଭିଯୋଗ କରିଛନ୍ତି । ପୀଡିତାଙ୍କ ମା' ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ଯଦିଓ ସେ ବ୍ୟକ୍ତିଗତ ଭାବେ ଏହି ଘଟଣା ସଂପୃକ୍ତ ନ୍ୟୁଜ୍ ଚ୍ୟାନେଲର ପରିଚାଳନା ନିର୍ଦ୍ଦେଶକଙ୍କୁ ଜଣାଇଥିଲେ ତଥାପି ସେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ ।

## ସର୍ପାଘାତରେ ମୃତ ପରିବାରଙ୍କୁ ସହାୟତା ପ୍ରତିଶୃତି

ନୂଆପଡା, ୧୦ ସେପ୍ଟେମ୍ବର (ହି.ସ.)- ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଖଇରା ପଂଚାୟତର ଦାବରୀ ଗ୍ରାମରେ ଗତ ଜୁଲାଇ ମାସରେ ସର୍ପାଘାତରେ ସୁଶାନ୍ତ ହଂସ ନାମକ ଯୁବକଙ୍କର ମୃତ୍ୟୁ ଘଟିଥିଲା । ବର୍ତମାନ ସ୍ତ୍ରୀ ସବିତା ଏବଂ ୨ ଜଣ ଶିଶୁ ଅସହାୟ ହୋଇ ପଡିଛନ୍ତି । ଏହି ଖବର ପାଇ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ ଗ୍ରାମରେ ପହଂଚି ଅସହାୟ ପରିବାରଙ୍କୁ ସମବେଦନା ଜଣାଇ ସହାୟତା ପ୍ରତିଶୃତି ଦେଇଛନ୍ତି । ଯଥାଶିଘ୍ର ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ସାନ୍ତ୍ୱନା ଦେବା ସହ ପରିବାରଙ୍କୁ ୧ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିଲେ । ଏହି ସମୟରେ ବୋଡେନ ସରପଂଚ ନୃପରାଜ ତାଣ୍ଡି ଓ ଖଇରା ସରପଂଚ ସୁକାନ୍ତି ନାଗ ଉପସ୍ଥିତ ଥିଲେ ।

# ବ୍ରିଲିଆନ୍ସ ମହାବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ଛାତ୍ର ଅସନ୍ତୋଷ

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଲେ ଛାତ୍ରଛାତ୍ରୀ

ବାରିପଦା, ୧୦ ସେପ୍ଟେମ୍ବର (ହି.ସ.)- ବାରିପଦା ସହର ଉପକଣ୍ଠ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ବ୍ରିଲିଆନ୍ସ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ନେଇ ଦେଖା ଦେଇଛି ଛାତ୍ର ଅଶାନ୍ତି । ଆଜି ମହାବିଦ୍ୟାଳୟରେ ଅଧ୍ୟୟନରତ ୧୭ରୁ ଅଧିକ ଛାତ୍ରଛାତ୍ରୀ ଓ ଛାତ୍ର ଅଭିଭାବକମାନେ ଆସି ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଉପସଚିବ ଜୟଦେବ ପ୍ରମାଣିକଙ୍କୁ ବାରିପଦାଠାରେ ସାକ୍ଷାତ କରି ନିଜର ସମସ୍ତ ଆପତି ଅଭିଯୋଗ ଜଣାଇବାକୁ ଆସିଥିଲେ । ମାତ୍ର ଉପସଚିବ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବା ଫଳରେ ଛାତ୍ରଛାତ୍ରୀମାନେ ନିରାଶ ହୋଇ ନିଜର ଅଭିଯୋଗକୁ କାର୍ଯ୍ୟାଳୟର କର୍ମଚାରୀଙ୍କୁ ପ୍ରଦାନ କରି ଫେରିଯାଇଥିଲେ । ଠାକୁରମୁଣ୍ଡା ଅଂଚଳର ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ କନ୍ୟା ସୁଶାନ୍ତୀ ଟୁଡୁଙ୍କ କହିବା ଅନୁସାରେ ବ୍ରିଲିଆନ୍ସ ଶିକ୍ଷା ଅନୁଷ୍ଠାନ ଶିକ୍ଷା ନାମରେ କଳଙ୍କ ବୋଲି ଅଭିଯୋଗ କରିବା ସହ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ପ୍ରକାଶ କରିଛନ୍ତି । ସେହିପରି ବାଙ୍ଗିରିପୋଷି ଅଂଚଳର ଜଣେ ଛାତ୍ରୀଙ୍କ ଅଭିଭାବକ ସୁପ୍ରିୟା ଗିରିଙ୍କ ଅଭିଯୋଗ ଆଧାରରେ ବ୍ରିଲିଆନ୍ସ ଶିକ୍ଷା ଅନୁଷ୍ଠାନରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁହୁଡ଼ି ପଡ଼ିଛି । ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପିଲାମାନେ ରହୁଥିବା କାରଣରୁ ଝିଅର ଗାଇନିକ୍ ସମସ୍ୟା ଦେଖା ଦେଇଛି । ପିଲା ଭଲ ପଢ଼ିବ ବୋଲି କଲେଜରେ ଛାଡ଼ି ଥିଲି; ମାତ୍ର ସେଠାରେ ପାଠ ଅଥବା ସାଠ କିଛି ନାହିଁ । ଫଳରେ ପିଲାର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଥିବାରୁ କାଉନସିଲ ଅଫିସକୁ ନିଜର ଅଭିଯୋଗ ଜଣାଇବାକୁ ଆସିଥିଲୁ ବୋଲି କହିଥିଲେ । ଠାକୁମୁଣ୍ଡା ତାଳପଦା ଅଂଚଳର ବେଣୁଧର ପଲେଇ ତାଙ୍କର ପୁଅ ନିତମ୍ଭ ପଲେଇକୁ ମହାବିଦ୍ୟାଳୟରେ ଭଲ ପାଠ ପଢ଼ା ହେଉଥିବାର ଶୁଣି ଭର୍ତି କରାଇଥିଲୁ । ମାତ୍ର କଲେଜରେ ପାଠ ପଢ଼ା ଯିବା ଦୂରର କଥା ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଥିବା ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଛି । ମହାବିଦ୍ୟାଳୟର ମାଲିକ କାମ ଅଧକ୍ଷ କୌଣସି ଦିନ କଲେଜକୁ ଆସୁନାହାନ୍ତି । ପିଲାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନ୍ୟ କଲେଜକୁ ଟ୍ରାନ୍ସଫାର କରାଇ ନେବାକୁ ଚାହୁଁଛି । ମାତ୍ର କଲେଜର ପ୍ରିନ୍ସପାଲଙ୍କ ସାକ୍ଷାତ ମିଳିପାରୁ ନାହିଁ । କଲେଜରେ ପିଲାମାନେ କେବଳ ପାଠପଢ଼ା ନୁହେଁ, ରହିବା ଖାଇବା, ପିଇବା ସବୁ କିଛିରେ ଅବ୍ୟବସ୍ଥା । ତେଣୁ କାଉନସିଲ ଅଫିସକୁ ନ୍ୟାୟ ପାଇବା ନିମନ୍ତେ ଆସିଥିଲି ବୋଲି କହିଥିଲେ । ସେହିପରି ଅଶୋକ କୁମାର ବେହେରା, ବିଜୟ ଲକ୍ଷ୍ମଣରାଜକୁମାର, ସମୀର କୁମାର ମହାନ୍ତ, ସୁଶାନ୍ତ ଟୁଡୁ, କ୍ରୀଷ୍ଣା ମହାନ୍ତ, ସୋମନାଥ କିସ୍କୁ, ସଞ୍ଜୟ କୁମାର ମହାନ୍ତ, ସସ୍ମିତା ଗିରି, ସ୍ମୃତିରେଖା ଗିରି, ମନ୍ଦାକିନୀ ବେହେରା, ଅର୍ଜୁନ ଟୁଡୁ ପ୍ରମୁଖ ବ୍ରିଲିଆନ୍ସ ମହାବିଦ୍ୟାଳୟର ଅଧକ୍ଷଙ୍କ ବ୍ୟବହାର, ଭୁହୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥା, ଅସ୍ୱାସ୍ଥ୍ୟକର ପରିବେଶ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଟାଣି ନେବା ସାଙ୍ଗକୁ ନୈତିକ, ମାନସିକ ଓ ଶାରିରୀକ ସ୍ତରରେ ଭାଙ୍ଗି ଦେଇଛି । ବର୍ତମାନ ଗୋଟାଏ ମହାବିଦ୍ୟାଳୟରୁ ଅନ୍ୟ ମହାବିଦ୍ୟାଳୟକୁ ନାମ ଟ୍ରାନ୍ସଫାର ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଶିକ୍ଷା ବିଭାଗ ଏହାକୁ ଗରୁତ୍ୱ ସହ ବିଚାରକୁ ନେଇ ନ୍ୟାୟ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଛନ୍ତି ।

# ପିଲାଙ୍କୁ 'ସରି' କହିବା ଜରୁରୀ



ପିଲାଏ ଯେତେବେଳେ କିଛି ଭୁଲ କରନ୍ତି, 'ସରି' କହିବାକୁ ଆମେ ସେମାନଙ୍କୁ ପ୍ରବର୍ତ୍ତାଉ । ମାତ୍ର ଆମେ ଭୁଲ କଲେ ପିଲାଙ୍କୁ ସରି କହିବା ଜରୁରୀ କି ? ଆଲେଖ୍ୟରେ ରହିଛି ଏଭଳି କିଛି ପ୍ରଶ୍ନର ଉତ୍ତର ।

ପିଲାଏ ଯେତେବେଳେ କିଛି ଭୁଲ କରନ୍ତି, ଆମେ କହୁ 'ସରି' କହିଦିଅ ବେଟା' । ଏଭଳି କରିବା ଦ୍ୱାରା ପିଲାଟି ଭୁଲ୍ କାମ କରିବ ନାହିଁ ବୋଲି ଆମେ ଭାବିଥାଉ । ଏହା ସହିତ ପିଲାଟି ଦୁଃଖ ପ୍ରକାଶ କରିବ ଏବଂ ଏଥିରୁ ଶିକ୍ଷାଲାଭ କରି ଆଗକୁ ସେଭଳି ଭୁଲ କରିବ ନାହିଁ ବୋଲି ଆମେ ପିଲାଟିକୁ ସରି କହିବା ପାଇଁ ପ୍ରବର୍ତ୍ତାଉ । ମାତ୍ର ଆମେ ବଡ଼ମାନେ ଯେତେବେଳେ କିଛି ଭୁଲ୍ କରିବସୁ, ସେ କ୍ଷେତ୍ରରେ କ'ଣ କରାଯିବା ଉଚିତ ? ଆମେ ପିଲାଙ୍କୁ ସରି କରିବା ଜରୁରୀ କି ? ଯଦି ହଁ, ତା' ହେଲେ ତା'ର ତାରିକା କ'ଣ ? ଅଭିଭାବକଙ୍କ ସରି କହିବା ପିଲାଙ୍କ ଉପରେ କିଭଳି ପ୍ରଭାବ ପକାଇବ ? ସେଭଳି କିଛି ପ୍ରଶ୍ନର ଉତ୍ତର ରହିଛି ଏ ଆଲେଖ୍ୟରେ ।

## ସରି କହିବାକୁ କୁଣ୍ଠା କାହିଁକି ?:

ଅନେକ ଅଭିଭାବକ ଭାବନ୍ତି, ଭୁଲ୍ ହୋଇଗଲେ ପିଲାଙ୍କୁ କ୍ଷମା ମାଗିବା ବା ସରି କହିବା ଦ୍ୱାରା ପିଲାଙ୍କ ସାମ୍ନାରେ ସେମାନଙ୍କ ଇଜ୍ଜତ ଚାଲିଯିବ । ପିଲାଏ ସେମାନଙ୍କୁ ଖାତିର କରିବେ ନାହିଁ ବା ମାନିବେ ନାହିଁ । ପିଲାଏ ସେମାନଙ୍କର ମଜାକ୍ ଉଡ଼ାଇପାରନ୍ତି ବା ଭବିଷ୍ୟତରେ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇପାରନ୍ତି । ମାତ୍ର ମନୋବିଜ୍ଞାନ ଅନୁସାରେ, ଏହାର ବିପରୀତ ହୋଇଥାଏ । ବାପା କିମ୍ବା ମା' ମାନେ ପିଲାଙ୍କ ସାମ୍ନାରେ ସେମାନଙ୍କର ଭୁଲ ସ୍ୱୀକାର କରି ସେମାନଙ୍କୁ କ୍ଷମା ମାଗିବା ବା ସରି କହିବା ଦ୍ୱାରା ସେମାନଙ୍କର ଇଜ୍ଜତ ବଢ଼ିଥାଏ । 'ବଡ଼ମାନେ କେବେ ବି ଭୁଲ କରନ୍ତି ନାହିଁ' -ଏଭଳି ଭାବନା ରଖୁଥିବା ଅଭିଭାବକଙ୍କ ଅପେକ୍ଷା ଭୁଲ କରି ତାହାକୁ ନିଃସଙ୍କୋଚରେ ସ୍ୱୀକାର କରୁଥିବା ବାପା, ମା'ଙ୍କୁ ପିଲାମାନେ ଅଧିକ ସମ୍ମାନ ଜଣାଇଥାନ୍ତି । ଭୁଲ୍ ହୋଇଗଲେ ତାହାକୁ ସ୍ୱୀକାର କରିବା ଦ୍ୱାରା ପିଲାଏ ବୁଝିଯା'ନ୍ତି ଯେ, ଭୁଲ କରିବା ଏବଂ ତାହାକୁ ସ୍ୱୀକାର କରିବା ଓ ସୁଧାରିବା ଦିଗରେ କାର୍ଯ୍ୟ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏହା ପରେ ବି ଯଦି ଆପଣ ଭାବୁଛନ୍ତି ଯେ ପିଲାମାନେ ଆପଣଙ୍କୁ ଡରିବେ ନାହିଁ, ଖାତିର କରିବେ ନାହିଁ ବା ଆପଣଙ୍କ କଥାକୁ ସିରିୟସ୍‌ଲି ନେବେ ନାହିଁ, ତା' ହେଲେ ଆପଣ ଭୁଲ୍ ଧାରଣାରେ ଅଛନ୍ତି ।







## ସରି ନକହିବାର ଅର୍ଥ ପିଲାଏ କ'ଣ ବୁଝନ୍ତି ?:

ଆପଣ ନିଜ ଭୁଲକୁ ସ୍ୱୀକାର ନ କଲେ ବି ପିଲାଏ ବୁଝିଯାଆନ୍ତି ଯେ ଆପଣ ଭୁଲ କରିଛନ୍ତି । ଏଭଳି କ୍ଷେତ୍ରରେ ଆପଣ ନିଜ ଭୁଲ ପାଇଁ ସରି ନକହି ସେମାନଙ୍କୁ ଏଭଳି ବାର୍ତ୍ତା ଦିଅନ୍ତି-

- ସରି କହିବାର ଅର୍ଥ ଆପଣ କିଛି ଭୁଲ୍ କାମ କରିଛନ୍ତି ।
- କିଛି ପିଲା ଏହା ମଧ୍ୟ ବୁଝିଯାଆନ୍ତି ଯେ, ସରି କହିବାର ଅର୍ଥ ଆପଣ ଖରାପ ।



- ଛୋଟ ମୋଟ ଭୁଲକୁ ଏଡ଼େଇଯିବାରେ କିଛି କ୍ଷତି ନାହିଁ ।
- ସରି କହି ଆମେ ଅଯଥା ଛୋଟ କଥାକୁ ବଡ଼ କରିଦେଉ ।
- ଯେତେବେଳେ ଆପଣ କ୍ଷମା ମାଗୁଛନ୍ତି, ନିଜ ଷ୍ଟାଟସ୍ ସହିତ ସାଲିସ୍ କରୁଛନ୍ତି ।
- ଯେତେବେଳ ପର୍ଯ୍ୟନ୍ତ ଆପଣଙ୍କୁ କେହି କହିନାହାନ୍ତି, କ୍ଷମା ମାଗିବାର ପ୍ରଶ୍ନ ହିଁ ଉଠୁନାହିଁ ।

## ସରି କହି ଆପଣ ପିଲାଙ୍କୁ କ'ଣ ଶିକ୍ଷା ଦିଅନ୍ତି ?:

ଯଦି ଆପଣ ଭୁଲ କରିବା ପରେ ସରି କୁହନ୍ତି, ତା'ହେଲେ ପିଲାଙ୍କୁ କିଛି ନ ବୁଝାଇବା ସତ୍ତ୍ୱେ ସେମାନେ ବୁଝିଯାଆନ୍ତି ଯେ-

- ଛୋଟ ହୁଅନ୍ତୁ ବା ବଡ; ଭୁଲ ସମସ୍ତଙ୍କର ହୁଏ । ଭୁଲ୍ କରି ତାହାକୁ ଫାଙ୍କିଦେବା ପରିବର୍ତ୍ତେ ତାହାକୁ ସ୍ୱୀକାର କରିବା ଏବଂ ସୁଧାରିବା ଉଚିତ ।

ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଆମେ ଅନେକଙ୍କ ଭାବନାକୁ ଆଘାତ ଦେଉ । ଏଭଳି ପରିସ୍ଥିତିରେ ସେମାନଙ୍କୁ କ୍ଷମା ମାଗିବା ଜରୁରୀ । ଏହା ଦ୍ୱାରା ସମ୍ପର୍କ ଖରାପ ହୁଏ ନାହିଁ ।

- କ୍ଷମା ମାଗିବା ଦ୍ୱାରା ଆମେ ଛୋଟ ହୋଇଯାଇନଥାଉ । ବରଂ ଅନ୍ୟମାନଙ୍କ ଆଖିରେ ଆମ ଇଜ୍ଜତ ପୂର୍ବାପେକ୍ଷା ବଢ଼େ ।
- ଭୁଲ ସ୍ୱୀକାର କରିବାରେ ଲଜ୍ଜିତ ହେବା ଉଚିତ ନୁହେଁ । ଅସଲ କଥା ହେଉଛି, ଭୁଲ୍ ସ୍ୱୀକାର କରି ଆମେ ଆମ ବୋଝକୁ ହାଲ୍‌କା କରିଦେଉ ।
- ଯିଏ ଭୁଲ କରି ସ୍ୱୀକାର କରେ, କ୍ଷମା ମାଗେ ସେ ସମସ୍ତଙ୍କର ପ୍ରିୟ ହୁଏ । ଘରେ ବାହାରେ ତାକୁ ସମସ୍ତେ ଆଦର କରନ୍ତି ।

## କେତେବେଳେ ଓ କେମିତି କହିବେ ?:

ଆପଣ କେବଳ ଫର୍ମାଲିଟି ପୂରା କରିବା ପାଇଁ ବା ଔପଚାରିକତା ଦୃଷ୍ଟିରୁ ସରି କୁହନ୍ତୁ ନାହିଁ । ସରି କହିବାର ଅର୍ଥ ଆପଣ କରିଥିବା କୌଣସି ଭୁଲ୍ ବା କହିଥିବା କୌଣସି କଥା ପାଇଁ ଆପଣ ଦୁଃଖିତ । ଏହା ଆପଣଙ୍କ ସରି କହିବା ଶୈଳୀରୁ ପ୍ରକାଶିତ ହେବା ଉଚିତ ।

- ପିଲାଙ୍କୁ ଯେତେବେଳେ ସରି କହୁଛନ୍ତି, ତା' ପଛର କାରଣ ସେମାନଙ୍କୁ ବୁଝାନ୍ତୁ ।
- ନିଜର ଦୁର୍ବ୍ୟବହାର ବିଷୟରେ କହିବା ସହିତ ଏହା ମଧ୍ୟ ବୁଝାଇବାକୁ ଚେଷ୍ଟା କରନ୍ତୁ ଯେ ଆପଣଙ୍କ ବ୍ୟବହାରରେ କ'ଣ ଭୁଲ୍ ବା ଖରାପ ଥିଲା । ଏହା ଦ୍ୱାରା ପିଲାଏ ସେଭଳି ଭୁଲ୍ କରିବେ ନାହିଁ ।
- ଯଦି ଆପଣଙ୍କ ବ୍ୟବହାର ପିଲାଙ୍କୁ ବାଧିଛି, ତା'ହେଲେ ସେମାନଙ୍କ ଭାବନାକୁ ଆପଣ ବୁଝିପାରୁଛନ୍ତି ବୋଲି କୁହନ୍ତୁ । ଏଭଳି ମାମଲାରେ କେବଳ ସରି କହିଦେଲେ ଚଳିବ ନାହିଁ ।
- ପିଲାଙ୍କୁ କେବଳ ସରି କହିଦେଲେ ହେବନି । ବରଂ ଭବିଷ୍ୟତରେ ଏଭଳି ଭୁଲ ନ ହେବ ସେଥିପାଇଁ ଚେଷ୍ଟା କରିବେ ବୋଲି କୁହନ୍ତୁ । ଯଦି ପିଲାଟିର କୌଣସି କାର୍ଯ୍ୟକଳାପ ଯୋଗୁଁ ଆପଣ ରାଗିଥିଲେ ଓ ପରେ ସରି କହିଦେଲେ ତେବେ ପିଲାଟି ମଧ୍ୟ ସେଭଳି ଭୁଲର ପୁନରାବୃତ୍ତି ନ କରିବାକୁ ଚେଷ୍ଟା କରିବ ।

**ସରି କହିଦେଇ ତୁରନ୍ତ ହସ ମଜାକ କରନ୍ତୁ ନାହିଁ ବା ସେହି ଭୁଲ୍‌ର ପୁନରାବୃତ୍ତି କରନ୍ତୁ ନାହଁ । ଏହା ଦ୍ୱାରା ପିଲାମାନେ ଧରିନେବେ ଯେ ସରି ଏକ ଶସ୍ତା ଶବ୍ଦ ଓ ସେମାନଙ୍କ ପାଇଁ ଏହା କେବଳ ବିଷୟକୁ ଏଡ଼ାଇଯିବାର ମାଧ୍ୟମ ପାଲଟିଯିବ ।**



# ରାଧାବଲ୍ଲଭି



ରାଧାବଲ୍ଲଭି ପଶ୍ଚିମବଙ୍ଗର ଏକ ପାରମ୍ପରିକ ଖାଦ୍ୟ । ବିଶେଷକରି ଜନ୍ମାଷ୍ଟମୀ, ସରସ୍ୱତୀ ପୂଜା, ପହିଲା ବୈଶାଖ ଆଦି ଅବସରରେ ଏହା ପ୍ରସ୍ତୁତ ହୋଇଥାଏ । କିଛି ଲୋକ ଏହାକୁ ରାଧାକୃଷ୍ଣଙ୍କ ମନ୍ଦିରରେର ପ୍ରସାଦ ଭାବରେ ଅର୍ପଣ କରିଥାଆନ୍ତି । ଦେଖିବାକୁ ପୁରି ଭଳି ହୋଇଥିଲେ ମଧ୍ୟ ଏହାର ସ୍ୱାଦ ପୁରିଠାରୁ ସଂପୂର୍ଣ୍ଣ ଭିନ୍ନ । ଏଥିରେ ମସଲା ପୁର ଦିଆଯାଇଥାଏ । ଏହାକୁ କଚୁରି ବୋଲି ମଧ୍ୟ କୁହାଯାଇପାରିବ ନାହିଁ । ଆଗେ ନିର୍ଦ୍ଦିଷ୍ଟ କେତେକ ଜଳଖିଆ ଦୋକାନରେ ରାଧାବଲ୍ଲଭି ପ୍ରସ୍ତୁତ ହେଉଥିଲା ବେଳେ ଆଜିକାଲି ଖୁବ୍ କମ୍ ଦୋକାନରେ ଏହା ମିଳୁଛି । ଆସନ୍ତୁ ଜାଣିବା ଏହାକୁ କିପରି ତିଆରି କରାଯାଏ ।

**ପ୍ରସ୍ତୁତି :**

ରାଧାବଲ୍ଲଭି ତିଆରି କରିବା ପାଇଁ ମଇଦା କିମ୍ବା ଅଟା ୨ କପ୍, ବିରି ଚଉଠେ କପ୍, ରିଫାଇନ୍ ତେଲ କିମ୍ବା ଘିଅ ୧ ଟେବଲ୍ ଚାମଚ, ଲୁଣ ସାମାନ୍ୟ, ପାନମହୁରି ଗୁଣ୍ଡ ୧ ଛୋଟ ଚାମଚ, ଜୀରା ୧ ଛୋଟ ଚାମଚ, ଶୁଖିଲା ଲାଲ ଲଙ୍କା ୨ ଟା, ଜାଇଫଳ ଛୋଟ ଖଣ୍ଡେ, ହେଙ୍ଗୁ ଚିମୁଟାଏ, ଛାଣିବା ପାଇଁ ରିଫାଇନ ତେଲ । ପ୍ରଥମେ ବିରିକୁ ସଫା କରି ୩-୪ ଘଣ୍ଟା ବତୁରାଇ ରଖନ୍ତୁ । ଫୁଲିଗଲା ପରେ ପାଣିରୁ ଛାଣି ବାଟନ୍ତୁ । ଅଧିକ ମସୃଣ କରିବେ ନାହିଁ । ଏହାପରେ ଏପ ବଡ଼ ପାତ୍ରରେ ମଇଦା ନିଅନ୍ତୁ । ସେଥିରେ ୧ ଟେବଲ ଚାମଚ ଘିଅ କିମ୍ବା ତେଲ ଦେଇ ଭଲ କରି ମିଳାଇ ଦିଅନ୍ତୁ । ଅଳ୍ପ ଅଳ୍ପ ପାଣି ମିଶାଇ ମଇଦାକୁ ଚକଟାନ୍ତୁ । ମଇଦା ଚକଟାକୁ ଅତି ନରମ କରିବେ ନାହିଁ । ଚକଟା ହୋଇଗଲା ପରେ ଏହାକୁ ୧୦ ରୁ ୧୫ ମିନିଟ ଘୋଡ଼ାଇ ରଖନ୍ତୁ । ଏହାପରେ ମସଲା ପ୍ରସ୍ତୁତ କରନ୍ତୁ । ମସଲା ପ୍ରସ୍ତୁତ କରିବା ପାଇଁ ଜୀରା, ପାନମହୁରି, ହେଙ୍ଗୁ ଏବଂ ଲଙ୍କା ଏକାଠି କରି ହାଲୁକା ବାଦାମି ହେବା ପର୍ଯ୍ୟନ୍ତ ଭାଜି ନିଅନ୍ତୁ । ଟିକେ ଥଣ୍ଡା ହୋଇଆସିଲେ ମିକ୍ସିରେ ଗୁଣ୍ଡ କରିନିଅନ୍ତୁ । ଏହା ପରେ ପ୍ୟାନ୍ ଗରମ କରି ସେଥିରେ ୧ ଟେବଲ ଚାମଚ ତେଲ ଗରମ କରି ସେଥିରେ ହେଙ୍ଗୁ, ଆଗରୁ ବାଟି ରଖିଥିବା ବିରି, ଚିନି ପାଉଡର, ଲୁଣ ଏବଂ ଗୁଣ୍ଡ ମସଲା ମିଶାଇ ମସଲାକୁ ଭଲ କରି ଏକାଠି କରି ଦୁଇ ମିନିଟ ଭାଜିଲା ପରେ ଥଣ୍ଡା କରନ୍ତୁ । ୨୦ ମିନିଟ ପରେ ଦଳା ହୋଇଥିବା ମଇଦାରୁ ଛୋଟ ଛୋଟ ଗୁଳା ତିଆରି କରନ୍ତୁ । ଗୁଳା ମଧ୍ୟରେ ଏହି ମସଲାରୁ ଅଳ୍ପ ଅଳ୍ପ ନେଇ ମୁହଁ ବନ୍ଦ କରି ଧୀରେ ଧୀରେ ପୁରି ବେଲିଲା ଭଳି ବେଲନ୍ତୁ । ଅତି ପତଳା କରିବେ ନାହିଁ । ଏପରି ଭାବେ ବେଲିବେ ଯେମିତି ଫାଟି ନଯାଏ । ଏହାପରେ କରେଇରେ ତେଲ ଗରମ କରି ଏହି ପୁରି ଗୁଡ଼ିକୁ ହାଲୁକା ବାଦାମି ରଙ୍ଗ କରି ଦୁଇ ପଟ ଓଲଟାଇ ଛାଣନ୍ତୁ । ପ୍ରସ୍ତୁତ ହୋଇଗଲା ରାଧାବଲ୍ଲଭି । ଆପଣ ଇଚ୍ଛା କଲେ ଅଟା ଓ ମଇଦା ମିଶାଇ ମଧ୍ୟ ଗୁଳା ପ୍ରସ୍ତୁତ କରିପାରିବେ । ଅଟା କି ମଇଦା ଗୁଳାରେ ମସଲା ଅଧିକ ଦେବେ ନାହିଁ । ନହେଲେ ବେଲିଲା ବେଳ ଅସୁବିଧା ହୋଇପାରେ । ମଧ୍ୟମ ଆଞ୍ଚରେ ଛାଣିବେ । ଅଧିକ ଆଞ୍ଚରେ ଉପରୁ ହୋଇଗଲା ଭଳି ମନେ ହେବ । କିନ୍ତୁ ଭିତରେ କଞ୍ଚା ରହିଯାଇଥିବ ।

# ବଟରଫ୍ଲାଏ ଫିଡର୍



ଗାର୍ଡେନିଙ୍ଗ୍ କରିବାର ସଉକ ସମସ୍ତଙ୍କର ଭିନ୍ନ ଭିନ୍ନ । କିଏ ଫୁଲ ଗାର୍ଡେନିଙ୍ଗ୍ କରେ ତ ଆଉ କିଏ ପନିପରିବା ଗାର୍ଡେନିଙ୍ଗ୍ ଏହା ବ୍ୟତୀତ କିଛି ଲୋକ ଏମିତି ମଧ ଗାର୍ଡେନିଙ୍ଗ୍ ତିଆରି କରନ୍ତି ଯେମିତି ସେଠାରେ ଜୈବବିବିଧତା ବଜାୟ ରହିବ, ମାନେ ଗାର୍ଡେନିଙ୍ଗ୍‌ର ପ୍ରଜାପତି ଏବଂ ପକ୍ଷୀଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ପକ୍ଷୀଙ୍କ ପାଇଁ ଯେମିତି ଗାର୍ଡେନ୍‌ରେ ବାର୍ଡପିଡର୍ ରହିଥାଏ ସେମିତି ପ୍ରଜାପତିଙ୍କ ପାଇଁ ବଟରଫ୍ଲାଏ ଫିଡର ରଖିପାରିବା । ବଗିଚାରେ ପ୍ରଜାପତିଙ୍କ ଆଗମନ ଅଧିକ ସୁନ୍ଦର କରିଥାଏ । ତେବେ ବଟରଫ୍ଲାଏ ଫିଡରର ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼େନି । ଘରେ ପୁରୁଣା ଜିନିଷରୁ ବଟରଫ୍ଲାଏ ଫିଡର ପ୍ରସ୍ତୁତ କରିପାରିବେ ।

**ପୁରୁଣା ପ୍ଲେଟ୍:**

ପୁରୁଣା ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ସଜାଇବା ପାଇଁ ସୂତା ଏବଂ କିଛି ରଙ୍ଗୀନ ମୋତି ନିଅନ୍ତୁ । ସମାନ ଦୂରତାରେ ତିନୋଟି ଛିଦ୍ର କରି ଦିଅନ୍ତୁ । ସୂତାକୁ ମୋତିରେ ସଜାନ୍ତୁ । ବଗିଚାର ଗଛରେ ଏହାକୁ ଟାଙ୍ଗି ଦିଅନ୍ତୁ । ନିୟମିତ ରୂପରେ ପ୍ରଜାପତିଙ୍କ ପାଇଁ ଏଠିରେ ଖାଦ୍ୟ ରଖିପାରିବେ । ବଟରଫ୍ଲାଏ ଫିଡରରେ କମଳା କାଟି ରଖିପାରିବେ । ନହେଲେ ଗୁଡରେ ଅଳ୍ପ ପାଣି ମିଶାଇ ରଖିପାରିବେ ।





**ଜାର୍ ଏବଂ ଡବା :**

ଏଥିପାଇଁ ଆବଶ୍ୟକ ହୁଏ ପୁରୁଣା କାଚ ଏବଂ ପ୍ଲାଷ୍ଟିକ ଡବା । ସୂତା, ତୁଳା, ରବର ବ୍ୟାଣ୍ଡ, ପାଣି ଏବଂ ମହୁ ଏବଂ ଅଲଗା ଅଲଗା ରଙ୍ଗର ସତେଜ ଫୁଲ । ପ୍ରଥମେ ଡବାର ଢାଙ୍କୁଣି ମଝିରେର ଗୋଟିଏ ଛିଦ୍ର କରି ଦିଅନ୍ତୁ । କିଛି ତୁଳାକୁ ଡବାରେ ପୂରାଇ ଦିଅନ୍ତୁ । ଡବାର ତଳ ଆଡକୁ ଦୁଇଟି ରବର ବ୍ୟାଣ୍ଡ ରଖନ୍ତୁ । ଏହି ରବର ବ୍ୟାଣ୍ଡରେ ସୂତାକୁ ଏଭଳି ଭାବେ ବାନ୍ଧନ୍ତୁ ଯେମିତି ଡବା ଓଲଟା ଝୁଲି ପାରିବ । ତା' ପରେର ପାଣି ଏବଂ ମହୁର ମିଶ୍ରଣର କରି ଡବା ଭିତରେ ଭର୍ତ୍ତି କରନ୍ତୁ । ରବର ବ୍ୟାଣ୍ଡ ଚାରିପାଖରେ ଫୁଲରେ ସଜାଇପାରିବେ । ପ୍ରଜାପତି ଆକର୍ଷିତ ହୋଇ ଆସିଥାନ୍ତି ଏବଂ ତୁଳା ସାହାଯ୍ୟରେର ମହୁ ପାଣି ପିଇଥାନ୍ତି ।

**ସ୍ପଞ୍ଜ ଫିଡର :**

ଏଥିପାଇଁ କୌଣସି ସ୍ପଞ୍ଜକୁ ଗୋଟିଏ ପାଖରୁ ଛିଦ୍ର କରନ୍ତୁ ଏବଂ ସୂତା ସାହାଯ୍ୟରେ ବାନ୍ଧି ନିଅନ୍ତୁ । ଏବେ ଏହି ସ୍ପଞ୍ଜକୁ ଚିନିର ଘୋଳରେ ବୁଡ଼ାଇ ଗଛରେ ଝୁଲାଇ ଦିଅନ୍ତୁ । ଚାହିଁଲେ ସୂତାକୁ ମୋତିରେର ମଧ ସଜାଇପାରିବେ ।

**ବଟରଫ୍ଲାଏ ପଡଲର :**

ଏହାକୁ ତିଆରି କରିବା ପାଇଁ ମାଟିର କୌଣସି ପାତ୍ର ନିଅନ୍ତୁ । ଏଥିରେର ବାଲି ଏବଂ ଲୁଣ ମିଶାଇ ଭର୍ତ୍ତି କରନ୍ତୁ । ତା' ପରେ ଏଥିରେ ଛୋଟ ଛୋଟ ପଥରରେ ସଜାନ୍ତୁ, ଯେମିତି ପ୍ରଜାପତି ଏହା ଉପରେ ବସିପାରିବେ । ଏବେ ଏଥିରେ ପାଣି ଢାଳନ୍ତୁ । କିନ୍ତୁ ପାଣି ଯେମିତି ଅଧିକ ନହୁଏ । ପଥର ଅଧା ବୁଡ଼ିବା ପର୍ଯ୍ୟନ୍ତ ପାଣି ଢାଳନ୍ତୁ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୨ ସେପ୍ଟେମ୍ବର ୨୦୨୦, ଶନିବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅଶାନ୍ତ ସୀମାନ୍ତ...

ଭାରତ ଓ ଚୀନ୍ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗତ ଜୁନ୍ ମାସ ମଧ୍ୟଭାଗରେ ଚୀନ୍ ସେନାଙ୍କ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ଅତିକ୍ରମଣ ପ୍ରୟାସ ବେଳେ ଉଭୟ ରାଷ୍ଟ୍ରର ସେନାଙ୍କ ମଧ୍ୟରେ ଗଲୱାନ ଘାଟିରେ ଯେଉଁ ରକ୍ତାକ୍ତ ସଂଘର୍ଷ ଘଟିଥିଲା ଏବଂ ଉଭୟ ଦେଶରର ଅନେକ ସେନା ମୃତାହତ ହୋଇଥିଲେ ତାହା ପରେ ଅନୁମାନ କରାଯାଉଥିଲା ଯେ ପରିସ୍ଥିତିକୁ ଆଲୋଚନା ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ ଏବଂ ପୁଣି ଥରେ ସୀମାନ୍ତରେ ଶାନ୍ତି ଫେରିବ । କିନ୍ତୁ ଭାରତର ଶତ ପ୍ରୟାସ ସତ୍ତ୍ୱେ ପିପୁଲ୍ସ ଲିବେରେସନ୍ ସେନା (ପିଏଲଏ) ପକ୍ଷରୁ ସେଭଳି କୌଣସି ସୂଚନା ନମିଳିବା ଦିନକୁ ଦିନ ପରିସ୍ଥିତିକୁ ଅଧିକ ଭାରାକ୍ରାନ୍ତ କରିଚାଲିଛି । ଏପରିକି ଉଭୟ ଦେଶଙ୍କ ମଧ୍ୟରେ ପାଞ୍ଚ ପାଞ୍ଚ ଥର କମାଣ୍ଡର ସ୍ତରୀୟ ଓ କୂଟନୈତିକ ପର୍ଯ୍ୟାୟ ଆଲୋଚନା ପରେ ସେଥିରୁ କୌଣସି ବାସ୍ତବ ସୁଫଳ ନମିଳିବା ଏବଂ ପିଏଲଏ ପକ୍ଷରୁ ବାରମ୍ବାର ସୀମାତିକ୍ରମଣ ପ୍ରୟାସ କରାଯିବା ଚୀନର ପାରମ୍ପରିକ ମନ୍ଦ ଉଦ୍ଦେଶ୍ୟକୁ ପ୍ରତିପାଦିତ କରେ । ଚୀନ୍ ଓ ଭାରତ ମଧ୍ୟରେ ସୀମା ଯେତିକି ଦୀର୍ଘ ଏହାର ସମସ୍ୟା ସେତିକି ଜଟିଳ । ଅତୀତରେ ଏହାକୁ ନେଇ ଅନେକ ସମସ୍ୟା ଉତ୍ପନ୍ନ ହୋଇଛି ଏବଂ ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ସଂପର୍କ ତିକ୍ତ ପାଲଟିଛି । ଭାରତ ଓ ଚୀନ୍ ମଧ୍ୟରେ ସଭ୍ୟତାଗତ, ଐତିହାସିକ ଓ ସାଂସ୍କୃତିକ ନିବିଡ଼ ସଂପର୍କ ସତ୍ତ୍ୱେ ଏହା ଚୀନର ଆଚରଣର ସଦାବେଳେ ସ୍ପଷ୍ଟ କରିଛି ଯେ ଏହା ଏକ ବିସ୍ତାରବାଦୀ ରାଷ୍ଟ୍ର ଏବଂ ପ୍ରତିବେଶୀଙ୍କ ସହ ସୁସମ୍ପର୍କ ରକ୍ଷାରେ ବେଜିଂ କଦାଚିତ୍ ବିଶ୍ୱାସୀ ନୁହେଁ । ୧୯୬୨ ମସିହାରେ ସୀମାଯୁଦ୍ଧ ଠାରୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ଯେତେବେଳେ ଘଟଣାବଳୀର ଦୃଷ୍ଟାନ୍ତକୁ ବିଚାର କରାଯିବା, ସଦାବେଳେ ଚୀନର ବିଶ୍ୱାସଘାତକତାର ଗନ୍ଧ ସେଥିରୁ ସ୍ପଷ୍ଟ ଜଣାପଡ଼ିବ । ଏହା ସତ୍ତ୍ୱେ ଆଶା କରାଯାଉଥିଲା ସି ଜିନ୍‌ପିଙ୍ଗଙ୍କ ନେତୃତ୍ୱରେ ଚୀନର ସଂସ୍କାରବାଦୀ ଆଭିମୁଖ୍ୟରେ କିଛିଟା ପରିବର୍ତ୍ତନ ଦୃଶ୍ୟ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବେ ସି ଜିନପିଙ୍ଗଙ୍କ ସହ ବନ୍ଧୁତାର ପରମର୍ଦ୍ଦନ କରି ଏସିଆର ଏହି ଦୁଇ ପ୍ରମୁଖ ମହାଶକ୍ତି ମଧ୍ୟରେ ସଂପର୍କକୁ ଅଧିକ ନିବିଡ଼ କରିବା ଲାଗି ଆହ୍ୱାନ ଦେଇଥିଲେ । କିନ୍ତୁ ଚୀନ୍ ସେଇ ଦରପୋଡ଼ା କାଠ ଭଳି ନିଜର ପୂର୍ବ ସ୍ୱାଭାବ ହିଁ ବାରମ୍ବାର ପ୍ରଦର୍ଶନ କରିଆସୁଛି । କେବଳ ଭାରତ ନୁହେଁ, ଏବେ ଚୀନ୍ ବିଶ୍ୱର ଅଧିକାଂଶ ରାଷ୍ଟ୍ରଙ୍କ ସହ ବୈରଭାବ ହିଁ ପୋଷଣ କରିଆସୁଛି । ତାହା ସୀମା ବିବାଦକୁ ନେଇ ହେଇଥାଉ ଅଥବା ବାଣିଜ୍ୟ କାରବାରକୁ ନେଇ ହେଉ କିମ୍ବା ଦକ୍ଷିଣ ଚୀନ୍ ସାଗରକୁ ନେଇ ହେଉ ଅବା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଭୁତ୍ୱ ଜାହିର କରିବା ପ୍ରସଙ୍ଗକୁ ନେଇ ହେଉ ବା କରୋନା ଭୂତାଣୁ ସଂକ୍ରମଣକୁ ନେଇ ହେଉ ଅବା ଜାତିସଂଘ ଦ୍ୱାରା ଘୋଷିତ ଆତଙ୍କବାଦୀକୁ ଘଣ୍ଟ ଘୋଡ଼ାଇବା ସକାଶେ ପାକିସ୍ତାନକୁ ସମର୍ଥନ ଜଣାଇ ହେଉ । ତେବେ ପ୍ରତିବେଶୀ ରାଷ୍ଟ୍ର ଭାବେ ଭାରତ ହିଁ ଚୀନ ପ୍ରତାରଣାର ଅଧିକ ଶରବ୍ୟ ହୋଇ ଆସିଛି ।

ସୀମାନ୍ତରେ ଶାନ୍ତି ବଜାୟ ରଖିବା ସକାଶେ ଉଚ୍ଚାରଣ କରୁଥିବା ଚୀନ ଗତ ସପ୍ତାହରେ ପୁଣି ଥରେ ଲଦାଖ ସୀମାରେ ସୀମାତିକ୍ରମଣ ପାଇଁ ପ୍ରୟାସ କରିଥିଲା । ପୂର୍ବରୁ ଚୀନର ଏଭଳି ଚାଲ୍‌କୁ ପ୍ରତିହତ କରିବା ସକାଶେ ପ୍ରସ୍ତୁତ ଥିବା ଭାରତୀୟ ସେନା ଏହାକୁ ବିଫଳ କରିଥିଲେ । ଏବେ ଚୀନ୍ ଲଦାଖ ସୀମାନ୍ତରେ ତା'ର ସେନା ଓ ଅସ୍ତ୍ରଶସ୍ତ୍ର ଠୁଳ ଆରମ୍ଭ କରିଛି । ଏହା ନିଶ୍ଚିତ ରୂପେ ଏକ ସାମରିକ ଚାପ । କିନ୍ତୁ ଭାରତ ସଦାବେଳେ କହିଆସିଛି ଯେ ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ଭାରତ ବିଶ୍ୱାସୀ କିନ୍ତୁ ନିଜର ଅଖଣ୍ଡ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ଭାରତୀୟ ସେନା ସଦାବେଳେ ପ୍ରସ୍ତୁତ । ଚୀନର ଏହି ଔଦ୍ଧତ୍ୟର ଜବାବରେ ଏବେ ଭାରତ କୂଟନୈତିକ ତଥା ଆର୍ଥିକ ସ୍ତରରେ ଅନେକ କଠୋର ପଦକ୍ଷେପ ଗ୍ରହଣ କରିସାରିଛି ଏବଂ ଆବଶ୍ୟକ ପଡ଼ିଲେ ଆହୁରି କଠୋର ଆଚରଣ ଆପଣାଇବାକୁ କଦାପି ପଶ୍ଚାତ୍‌ପଦ ହେବନାହିଁ । ଜଣେ ଅବିଶ୍ୱସ୍ତ ପ୍ରତିବେଶୀ ସହ ସହାବସ୍ଥାନ କରିବାର କଳା ଭାରତକୁ ଭଲଭାବେ ଜଣା ଏବଂ ଏହା ଭାରତ ନିଜ ଅନୁଭୂତିରୁ ହିଁ ଶିକ୍ଷା କରିଛି । ତେଣୁ ସୀମାନ୍ତରେ ଯେଉଁ ଯୁଦ୍ଧ ବାଦଲ ଘନେଇ ଚାଲିଛି, ତାହା ବର୍ଷୁ ଅବା ନବର୍ଷୁ, ସେଥିପାଇଁ ପ୍ରସ୍ତୁତ ରହିବା ହିଁ ବିଜ୍ଞତାର କାର୍ଯ୍ୟ ହେବ ।




## ମୋ ଗାଆଁ..

### ଧ୍ରୁବ ଚରଣ ବେହେରା

ସବୁଜ ସୁନ୍ଦର ଗାଆଁଟି ମୋର
ସେଇଠାରେ ଥିଲା ମୋ ଷଠି ଘର ॥

ବିଲ ବଣ ଘେରା ପାହାଡ଼ ନଈ
ଦେଖିଲେ ତା ଶୋଭା ମନ ମୋହଇ ॥

ତା କୋଳରେ କେତେ ଖେଳିଛି ବାଲି
ଦେଖିଛି ଫଗୁଣ ଯାତରା ହୋଲି ॥

ତା ପାଣି ପବନ ଅମୃତ ଧାର
ଗଢ଼ି ଥିଲା ସେହି ମାଆ ମୋହର ॥

କୋଇଲି ଗାଏ ମଧୁର ତାନେ
ଆମ୍ବ ତୋଟା ମୂଳୁ ଶୁଭଇ କାନେ ॥

ଧାଡ଼ି ଧାଡ଼ି ହୋଇ ଶୋରିଷ ଖେତ
ଦୂର ତାଳବଣ ମନର ମିତ ॥

ଗଡ଼ି ଯାଉଥିଲା ଶଗଡ଼ ଗାଡ଼ି
କାଳିଆ କସାରା ଥିଲେ ଯେ ଭିଡ଼ି ॥

ଗାଆଁ ଶେଷ ମୁଣ୍ଡେ ଗୁଡ଼ି ଉଡ଼ାଇ
ନାଚିଥିଲୁ ଦିନେ ଆନନ୍ଦେ ଡେଇଁ ॥

ଢିଙ୍କି କୁଟୁଥିଲା ଅଳକା ନାନୀ
ଗଣ୍ଠି ପକାଇ ତା ପଣତ କାନି ॥

ମଧୁ ଠାରୁ ମିଠା ଗାଆଁଟି ମୋର
ତା ସ୍ମୃତି ଲାଗଇ ସରଗ ପୁର ॥

ଭୁଲିନାହିଁ କେବେ ଭୁଲିବି ନାହିଁ
ସେହି ପରା ମୋର ଜନମ ଭୂଇଁ ॥

ଚିଲିକା କୂଳରେ ସେହି ଗାଆଁଟି
ଅଠରବାଟିଆ ତାର ନାଆଁଟି ॥


+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪


# ପ୍ଲାଜ୍ମାଥେରାପୀ ଠାରୁ ବଡଥେରାପୀ

ଡ଼. ବିଦ୍ୟାଧର ପଣ୍ଡା



'ଛି ଛି। ତୁମେ ଏତେ ବାଜେ ଲୋକ! ସେ ଛଟକି ବୀଣା ସାଙ୍ଗରେ ବସି ହେଁହେଁ ଫେଁଫେଁ ହେବାକୁ ସେଇ ବଗିଚ୍ଚକୁ ରାତି ନପାହୁଣୁ ଗ୍ଲଳିଯାଉଛ! ସମସ୍ତେ ତ ଆସୁଆସୁ ପାଂଚଟା କି ସାଢେ ପାଂଚଟା ହେଉଛି। ତୁମେ ଦିଜଣ କ'ଣ ପାଇଁ ଏତେସକାଳୁ ମୁହଁଅନ୍ଧାରରୁ ପଳେଇ ସେଠି ଆଡା ଜମାଉଛ! ଯୋଗ କରୁଛ ନା ବିୟୋଗ କରୁଛ ମୁଁ କିଛି ବୁଝିପାରୁନି। ଆଜି ପାଚିରିକୋଣ ଦେବଦାରୁଗଛ ଉହାଡରେ ଛିଡାହୋଇ ମୁଁ ସବୁ ଦେଖିଛି। ତୁମେ ତା'ଗାଲପାଖକୁ ମୁହଁନେଇ ତା'ଆଖିରେ ଆଖି ମିଶଉ ନଥିଲ! ସେ ଟୋକିର ବି ମୁଁ ଖବର ନେବି। ତା'ବାପା ମା କେମିତିଆ କେଜାଣି? ପାହାନ୍ତିଆରୁ ଏତେବଡ ବଢିଲା ଝିଅଟାକୁ ବଗିଚ୍ଚକୁ ଛାଡି ଦେଉଛନ୍ତି। ଆଜିକାଲିର କାଳ କ'ଣ ବେଳ କ'ଣ, ତାଙ୍କୁ ବୋଧେ କିଛି ଜଣା ନାହିଁ? ହେଲେ ତୁମେ ପରା ନାତିନାତୁଣି ଦେଖିଲଣି। ସେ ମୁହଁରେ ଲଜ୍ଜାସରମ ବୋଲି କିଛି ତୁମର ବାକି ଅଛି ନା ନାହିଁ! କ'ଣ ଶୁଣିବି? ମୁଁ କ'ଣ ଶୁଣିବି? ଅନ୍ୟକେହି ଦେଖି ମୋତେ କହିଥିଲେ ଅଲଗା କଥା, ମୁଁ ଯୋଉଟା ନିଜଆଖିରେ ଦେଖିଲି ସେଇଟା କ'ଣ ମିଛ! ତା ଓଢଣି ତଳେ ରଖିଦେଇ ତା'ମୁକୁଳା ଛାତିକୁ ଫୁଲେଇ ତୁମଆଡକୁ ଦେଖେଇଥିଲା। ତୁମେ ଆଣ୍ଠେଇ ତା'ଗାଲରେ ହାତ ମାରୁ ନଥିଲ! ମୁଁ ସବୁ ଦେଖିଛି। ଛି ଛି।' - ଝରଣାମାମ୍ ଏତେ ବଡପାଟିରେ ଏମିତି ଚିଲ୍ଲେଇଲେ ଯେ ପିତବାସବାବୁ ପୁରା ଡରିଗଲେ। ଯେତେ ଚୁପ୍‌ହେବାକୁ ନେହୁରା ହେଉଥାନ୍ତି ଝରଣା କିଛି ଶୁଣୁନଥାନ୍ତି। ପାଖ ଶୋଇବାଘରେ ବୋହୂଟା କାଉଳା ହୋଇ କବାଟକିଳି ପଶିଗଲା। ଆଜି ଶାଶୂ ମାତିଛନ୍ତି ମାନେ ଶ୍ୱଶୁରଙ୍କର ଘାତଚନ୍ଦ୍ର। ଆଗ ଭଲରେ ମନଇଚ୍ଛା ବର୍ଷି ଯାଆନ୍ତୁ, ତା'ପରେ ଦେଖାଯିବ ବୋଲି ଭାବି ବୋହୂ ବାହାରୁନି। ଏଣେ ପିତବାସ ଭାବୁଛନ୍ତି, 'ଏ ଶାଶୂ ବୋହୂ ଗୋଟାଏ। ମଣିଷ ସେତେବେଳୁ ଯୋଗକ୍ଲାସ୍‌ରୁ ଆସିଲାଣି, କିନ୍ତୁ ବୋହୂର ଆଜି କ'ଣ ହୋଇଛି କେଜାଣି! ଗରମପାଣି କି ଚ୍ଚ ନେଇକି ପାଖକୁ ଆସୁନି କାହିଁକି? ବୋହୂକୁ ଦେଖିଲେ ହୁଏତ ଝରଣାର ମୁଣ୍ଡ ଟିକେ ଥଣ୍ଡା ହୋଇଯାନ୍ତା। ମଣିଷ ଆଜି କାହାମୁହଁ ଚ୍ଚହିଁ ଉଠିଥିଲା କେଜାଣି! ଝରଣା ତ ଉଠିନଥିଲା। ନିଜମୁହଁ ବୋଧେ ଦର୍ପଣରେ ଦେଖିଥିବି। ଯୋଗକୁ ବୋହୂଟା ବି ଆଜି ଆସୁନି।'

କେତେପରେ ଝରଣାଙ୍କ ପାଟି ଟିକେ ଥମିବାରୁ ପିତବାସ କହିଲେ, 'ମୋତେ ଖାଲି ଦୁଇମିନିଟ୍ ଶୁଣ। ତାପରେ ଯାହା କହିବ ମୁଁ ମାନିବି। ସକାଳେ ସେ ଝିଅ ବୀଣା ଆଖିରେ ଗୋଟାଏ ଉଡାପୋକ ପଶିଗଲା। ସିଏ ମୋତେ ସେ ପୋକଟାକୁ ବାହାର କରିବାକୁ ଅନୁରୋଧ କରିବାରୁ ମୁଁ ତା ଆଖିପାଖକୁ ମୋ ମୁହଁନେଇ ରୁମାଲ ଆଖିପତାରେ ପୁରେଇ ବାହାର କରୁଥିଲି। ସେତେବେଳେ ବୋଧେ ତୁମେ ଏସବୁ ଦେଖି ଖରାପକଥା ମୁଣ୍ଡରେ ପୁରେଇଛ। ଆମେ ଦୁହେଁ ଚ୍ଚଳିଶବର୍ଷ ହେଲାଣି ସଂସାର କଲେଣି। ଏ ପର୍ଯ୍ୟନ୍ତ ଚିହ୍ନିପାରିଲନି! ତାପରେ ମୋତେ ଚଉଷଠି କି ତାକୁ ଚବିଶ। ଦୁହିଁଙ୍କ ବୟସରେ ଚ୍ଚଳିଶ ବର୍ଷର ତଫାତ୍। ମୋର ଆଜି ଅପମାନିତ ହେବାର ଗ୍ରହଯୋଗ ଥିଲା। କାଲିରାତିରେ ଜୟନ୍ତି ଟିଭିରେ କହିଥିଲା। ହେଲେ ନିଜଘରେ ସ୍ତ୍ରୀ'ମୁହଁରୁ ଅପମାନ ଶବ୍ଦଗୁଡା ଏମିତି ଶରପରି ଦେହସାରା ବିନ୍ଧି ହୋଇଯିବ ବୋଲି କଳ୍ପନା କରିନଥିଲି। ସକାଳୁ ଦିନଯାକ ଏବେ ବାକିଅଛି। କ'ଣ ହେବ କିଏ କହିବ! ବୋହୂଟା ବି ଚ୍ଚ'ପାଣି କିଛି ପଚ୍ଚରୁନି। ଆଜି ଏ'ଘରେ ଖାଇବାକୁ ମିଳିବ କି ନାହିଁ କିଏ ଜାଣେ!' ଏମିତି କହୁକହୁ ପିତବାସ ବାହାରକୁ ଯାଇ ଚ୍ଚ'ଦୋକାନୀକୁ ବିନାଚିନି ଚ୍ଚ'ଟିଏ ତିଆରି କରିବାକୁ ବରାଦ ଦେଇ ତା'ରି ବାହାର ବେଂଚରେ ପେପର ପଢିବାକୁ ଲାଗିଲେ। ଝରଣା ଶାନ୍ତ ହୋଇ ରୋଷେଇଘରକୁ ପଶି ବୋହୂକୁ ଡାକିଲେ।

ପିତବାସବାବୁ ସରକାରୀ ଚ୍ଚକିରିରୁ ଅବସର ନେବା ଚ୍ଚରିବର୍ଷ ହେଲାଣି। ବାହାଘର ବେଳେ ପିତବାସଙ୍କୁ ତିରିଶ ବର୍ଷକୁ ଝରଣାଙ୍କୁ ଚବିଶ ହୋଇଥିଲା। ତେଣୁ ଝରଣାଙ୍କର ସରକାରୀ ଚ୍ଚକିରିରୁ ଅବସର ନେବାକୁ ଆଉରି ଦୁଇବର୍ଷ ବାକି ଅଛି। କରୋନା ପାଇଁ ପିତବାସବାବୁଙ୍କୁ ଝରଣା ବହୁତ ଜଗନ୍ତି। ବୁଢାକୁ ଚଉଷଠି ବର୍ଷ, ଟିକିଏ ନାଲୁଆ ଦୋଷ ଅଛି। ଝିଅଟିଏ ଦେଖିଲେ ଉପରେ ପଡି କଥାହେବେ। ବୟସ କଥା ଯାହାତାହା ଦଶବର୍ଷ ଉପରେ ହେବ ମଧୁମେହ ରୋଗ ବି ବାହାରିଛି। ତେଣୁ କରୋନାକୁ ପ୍ରବଳ ଭୟ। ଏଇ ଗତମାସରେ ସରକାର ସମସ୍ତଙ୍କୁ କରୋନା କଟକଣାରୁ ମୁକ୍ତ କଲାପରେ କିଛି ଲୋକ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ଲଙ୍ଗ୍‌ଡ୍ରାଇଭ୍ ସାଙ୍ଗକୁ ମଲ୍ ବଗିଚ୍ଚ ବୁଲାବୁଲି ବି ଜୋରସୋର୍‌ରେ ଭିଡ ଆରମ୍ଭ କରିଦେଲେଣି। ଝରଣା ଅଫିସ ଚ୍ଚଲିଯିବା ପରେ ପିତବାସବାବୁ ବି ସେମିତି କିଛି କରୁଛନ୍ତି। ଶାଶୂ ଝରଣା ଅଫିସରୁ ଫେରି ଶ୍ୱଶୁର ପିତବାସବାବୁଙ୍କର ସବୁ ବୁଲାବୁଲି ଖବର ବୋହୂଠାରୁ ପାଉଛନ୍ତି। ବାବୁଙ୍କର ଆଉ ଏକ ଦୁର୍ବଳତା ହେଲା ସୁନ୍ଦରି ବୀଣା। ଝିଅଟି ଦେଖିବାକୁ ଭଲ। ହସିଲାବେଳେ ପୁରିଲା ପୁରିଲା ପୁଟୁକା ଗାଲ ଦୁଇଟାରେ ଦୁଇଟା ଭଅଁର ଗାତ ବି ପଡୁଛି। ଅଂଟାରୁ ଉପରକୁ ବକ୍ଷୋଜଯାଏ ଅପ୍‌ସରିମାନଙ୍କ ପରି ଚେହେରା ଏବଂ କଟାତରଭୁଜ ରଙ୍ଗର ଲାଲ୍‌ଲାଲ୍ ଦିଫାଳେ ଓଠମଝିରେ ଡାଳିମ୍ବ ମଂଜିପରି ଦାନ୍ତଦିଧାଡି ହସିଲାବେଳେ ଚମକିଯାଏ। ଘଂଚକଳା ବାଳ ଗୋଛାଏ ଅଂଟାତଳକୁ ଝୁଲୁଛି। ହସିହସି ଏମିତି ବାଗରେ କଥାହୁଏ ଯେ ପିତବାସବାବୁ ମନେମନେ ଭାବନ୍ତି ଝରଣା ପୁଅଟାକୁ ଟିକେ ଡେରିରେ ଜନ୍ମକରିଥିଲେ ୟା'ସାଙ୍ଗରେ ଛନ୍ଦିଦେଇ ୟା'କୁ ବୋହୂକରି ସବୁଦିନପାଇଁ ଘରେ ରଖିଥାନ୍ତେ। କିନ୍ତୁ ଗଲାକଥା ଗଲାଣି। ଏବେ ପଛକଥା ଭାବି ଆଉ ଲାଭ କଣ!

ଏଇ ୨୦୨୦ ନୂଆବର୍ଷରେ ପିତବାସବାବୁଙ୍କର ବୀଣା ସାଙ୍ଗରେ ଦେଖା। ଦୁହେଁ ଘରପାଖ ବଗିଚ୍ଚରେ ଗୋଟିଏ ଯୋଗମାଷ୍ଟ୍ର ପାଖରୁ ଯୋଗ ଶିଖୁଛନ୍ତି। ସମୁଦାୟ ଦଶଜଣ ଶିକ୍ଷାର୍ଥୀ। ଏମାନଙ୍କୁ ଛାଡି ଆଉ ଅନ୍ୟ ଆଠଜଣ ବି ସେଠି ଥାଆନ୍ତି। କିନ୍ତୁ ପିତବାସବାବୁ ଓ ବୀଣା ଭିତରେ ଅ'ରଙ୍ଗତା ଟିକେ ବେଶୀ, ପାଖାପାଖି ବସନ୍ତି। ତେଣୁ ଦୁହେଁ କ୍ଲାସ୍ ଆରମ୍ଭହେବାର କିଛି ସମୟ ପୂର୍ବରୁ ବଗିଚ୍ଚରେ ପହଁଚି ଗପସପ କରନ୍ତି। ବଗିଚ୍ଚର ଘାସଉପରେ ଚ୍ଚଲି ଫଟାଗୋଇଠିରେ କାକର ଲଗାନ୍ତି। ଏମିତି ଚ୍ଚଲିଥିଲା। କିନ୍ତୁ କୁଆଡୁ ଏ କରୋନା ଭୂତାଣୁ ଆସିଲା କେଜାଣି ସରକାର ମାର୍ଚ୍ଚ ପଚିଶତାରିଖରୁ ସବୁ ବନ୍ଦ କରିଦେଲେ। ପିତବାସବାବୁ ବୀଣାକୁ ମନେମନେ ଝୁରି ହୋଇ ଏଇ ଗତ ପାଂଚମାସ ଭିତରେ କେତେ ଝଡିଗଲେଣି। ଏବେ ସବୁ କଟକଣା ଉଠିଗଲା ପରେ ଏଇମାସରୁ ପୁଣିଥରେ ତାଙ୍କର ଯୋଗ କ୍ଲାସ୍ ଆରମ୍ଭ ହୋଇଛି। ତେଣୁ ଏତେ ଦିନ ଗ୍ୟାପ୍‌ପରେ ଦୁହେଁ ଯେତେବେଳେ ମିଶୁଛନ୍ତି ଅଧଘଂଟା ଆଗରୁ ଆସି କଥାବାର୍ତ୍ତା ହେବା ସ୍ୱାଭାବିକ୍। ଝରଣାଙ୍କୁ ଏସବୁ କିଛି ଜଣା ନାହିଁ କିନ୍ତୁ ପିତବାସବାବୁ ବାହରକୁ ଯିବା ତା'ଙ୍କୁ ଭଲ ଲାଗୁନି। ତାଙ୍କର କହିବାକଥା, 'ସରକାର ସିନା କଟକଣା କୋହଳ କଲେ, ହେଲେ କରୋନା ତ ଆଗ ଅପେକ୍ଷା ବେଶୀ ମାତୁଛି। ଏବେ ବି ଲୋକ ମରୁଛନ୍ତି। ତେଣୁ ଯେପର୍ଯ୍ୟନ୍ତ ଟୀକା ବାହାରିନି ପିତବାସବାବୁ ଘରେ ରହିଲେ ଅସୁବିଧା କ'ଣ! ଶୋଇବା ଖଟଉପରେ ବି ଯୋଗ କରିହେବ। ପ୍ରାଣାୟାମ ଓଲମବିଲମ ଯାହା ସବୁ ରାମବାବା ସାଙ୍ଗରେ ଟିଭିଲଗେଇ କଲେ ଭଲ ହୁଅନ୍ତା।' ପିତାବାସବାବୁଙ୍କ ଏକାଜିଦ୍ ସିଏ ବଗିଚ୍ଚରେ ଯୋଗ କରିବେ। ଖୋଲା ପବନ କଥା ଅଲଗା। ମୁଖ୍ୟବିନ୍ଦୁ ହେଲା ସେ ସୁନ୍ଦରୀ ତରୁଣୀଝିଅ ବୀଣା। ତେଣୁ ଆଜି ବାବୁ ମୁହଁଅନ୍ଧାରରୁ ଉଠି ଝଟପଟ ନିତ୍ୟକର୍ମ ସାରି ବଗିଚ୍ଚରେ ପହଁଚିଲା ବେଳକୁ ଝରଣା ତା'ଙ୍କ ପଛେପଛେ ଯାଇ ପାଚେରି କାନ୍ଥପଛ ଗଛଉହାଡରେ ବୀଣାସହ ତା'ଙ୍କୁ ଅସଂଜତ ଅବସ୍ଥାରେ ଦେଖିଲେ। ଯେତେବେଳେ ବୀଣାମୁହଁ ପାଖକୁ ପିତବାସବାବୁ ନିଜମୁହଁ ବଢେଇଲେ ଝରଣା ଆଉ ଆଗକୁ ଦେଖି ପାରିଲେନି। ସେଠାରୁ ତୁରନ୍ତ ସିଏ ରାଗରେ ନିଆଁହୋଇ ଗୋଡ କଚାଡିକଚାଡି ଘରକୁଫେରି ପିତବାସବାବୁଙ୍କ ଫେରିବାକୁ ଚ୍ଚହିଁ ବସିଥିଲେ। ଯେମିତି ପିତବାସ ଆସିଛନ୍ତି ବହୁତଦିନର ଗାଳି ଠୋଠା କରି ଗୋଟାକ ପରେ ଗୋଟାଏ ତା'ଙ୍କ ମୁହଁକୁ ଫୋପାଡି ଚ୍ଚଲିଲେ। ସବୁ ଶୁଣି ପିତବାସବାବୁ ପ୍ରକୃତକଥା କହିଦେଇ ଦୋକାନୀ ପାଖରୁ ଚ୍ଚ'ପିଇ ଫେରିଲା ବେଳକୁ ଦେଖିଲେ ଝରଣା ବି ତାଙ୍କ ପାଇଁ ଚ୍ଚ'କପ୍ ଧରି ଅପେକ୍ଷା କରିଛନ୍ତି। ଚ୍ଚ'କପ୍‌ଟିକୁ ହାତରେ ନେଇ ଓଠରେ ଲଗଉଲଗଉ କହିଲେ, 'ଭାରି ଗରମ!' - 'କିଏ ଗରମ!' - 'ତୁମେ ନୁହଁ ମ, ଏଇ ଚ୍ଚ। ତୁମକୁ କହିବାକୁ ମୋ ଜିଭରେ ହାଡ କାଇଁ!' - 'ଓଃ! ଚ୍ଚ ତ! ଠିକ୍ ଅଛି, ଯାହା କହିଲ ବିଶ୍ୱାସହେଲା ଯେ କିନ୍ତୁ କାଲିଠାରୁ ସେ ନଖରି ବୀଣାକୁ ଖାଉ ବଣି। ତୁମର ବଗିଚ୍ଚ ଯିବା ବନ୍ଦ। ଯୋଗ ବିୟୋଗ ଘରେ ଯାହା କରୁଛ କର।' - 'ବଗିଚ୍ଚ ଗଲେ ଅସୁବିଧା କେଉଁଠି?' - 'ତୁମ ବୟସ ଚଉଷଠି, ମଧୁମେହ ରୋଗୀ। ଯଦି କରୋନା ପଶିଲା!' - 'ପ୍ଲାଜ୍ମାଥେରାପୀ ଅଛି।' (କ୍ରମଶଃ)


+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
bdpanda1@gmail.com


# ଓଡିଶାରେ ଆଉ ଏକ ଆଂଚଳିକ ଦଳର ଆବଶ୍ୟକତା ଅଛି କି

ସୁବାସ ଷଡଙ୍ଗୀ



ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ସାଧାରଣ ନିର୍ବାଚନ ୧୯୫୨ ମସିହାରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଜାତୀୟ କଂଗ୍ରେସ ଜାତୀୟ ଓ ରାଜ୍ୟସ୍ତରରେ ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଥିଲା। ସେଇ ସମୟରେ ପ୍ରଥମ ଆଂଚଳିକ ଦଳ ରାଜନୈତିକ ଦଳ ଭାବରେ ରାଜ୍ୟରେ 'ଗଣତନ୍ତ୍ର ପରିଷଦ' ନିର୍ବାଚନ ଲଢିଥିଲା। ବଲାଙ୍ଗିର ତତକାଳୀନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏହି ଦଳର ନେତୃତ୍ୱ ନେଇଥିଲେ।୧୯୫୨, ୧୯୫୭ଓ ୧୯୬୨ ତିନୋଟି ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି 'ଗଣତନ୍ତ୍ର ପରିଷଦ' ସରକାର ଗଠନ କରିପାରିନଥିଲା।କିନ୍ତୁ ଏହାର ବହୁ ସଦସ୍ୟ ଉଭୟେ ଲୋକସଭା ଓ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଆଂଚଳିକ ଦଳଭାବେ ଉଭା ହୋଇଥିବା 'ଗଣତନ୍ତ୍ର ପରିଷଦ' ସ୍ୱତନ୍ତ୍ର ଦଳରେ ମିଶିଯିବାରୁ ଏହି ଦଳର ବିଲୋପ ଘଟିଥିଲା। କିନ୍ତୁ କଂଗ୍ରେସରୁ ଡ଼ଃ. ହରେକୃଷ୍ଣ ମହତାବ ବିଦାୟ ନେଇ ଏକ ଶକ୍ତିଶଳୀ 'ଜନକଂଗ୍ରେସ' ନାମରେ ଆଂଚଳିକ ଦଳ ଗଠନ କରିଥିଲେ। ଏହି ଆଂଚଳିକ ଦଳ ୧୯୬୭ ମସିହା ସାଧାରଣ ନିର୍ବାଚନରେ ବିଧାନସଭାରେ ୨୬ ଟି ଆସନ ପାଇଥିଲା। ସେଇ ନିର୍ବାଚନରେ ସ୍ୱତନ୍ତ୍ର ଦଳ ୪୯ଟି ବିଧାନସଭା ଆସନ ହାସଲ କରିବାରୁ ଓଡିଶାରେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ସରକାର ଗଠନ ହୋଇଥିଲା। ସେତେବେଳର ବଲାଙ୍ଗିର ମହାରାଜା ରାନ୍ଦ୍ରେ ନାରାୟଣ ସିଂହଦେସ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ମିଳିତ ମନ୍ତ୍ରୀମଣ୍ଡଳ ଚାରିବର୍ଷ କ୍ଷମତାରେ ରହିଥିଲା। ପରେ ସେମାନଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହେଲା। ଯାହାଫଳରେ ୧୯୭୧ ମସିହାରେ ଆଉ ଏକ ନିର୍ବାଚନ ହେଲା। ୧୯୭୧ ମସିହା ପୂର୍ବରୁ ବିଜୁ ପଟନାୟକ କଂଗ୍ରେସରୁ ଇସ୍ତଫା ଦେଇ 'ଉତ୍କଳ କଂଗ୍ରେସ' ନାମରେ ରାଜ୍ୟରେ ଏକ ଆଂଚଳିକ ଦଳ ଗଠନ କରିଥିଲେ।ଏହି ନୂତନ ଆଂଚଳିକ ଦଳ ୧୯୭୧ ମସିହା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ରାଜ୍ୟରେ ୩୩ଟି ଆସନ ହାସଲ କରିଥିଲା। ତେଣୁ ସ୍ୱତନ୍ତ୍ର ଦଳ ସହ ମିଶି ଓଡିଶାରେ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ଏହାର ନେତୃତ୍ୱ ନେଇଥିଲେ ବିଶ୍ୱନାଥ ଦାସ। କିନ୍ତୁ ମିଳିତ ମନ୍ତ୍ରୀମଣ୍ଡଳରେ ମତଭେଦ ଦେଖାଦେବାରୁ ଏହାର ତିନିବର୍ଷ ପରେ ଅର୍ଥାତ ୧୯୭୪ ମସିହାରେ ବିଧାନସଭା ଭାଙ୍ଗିଯାଇଥିଲା, ରାଜ୍ୟ ଆଉ ଏକ ନିର୍ବାଚନର ସମ୍ମୁଖୀନ ହୋଇଥିଲା।

୧୯୭୪ ମସିହାର ମଧ୍ୟବର୍ତୀକାଳୀନ ନିର୍ବାଚନରେ କଂଗ୍ରେସ ୬୯ ଟି ଆସନ ପାଇଥିଲା। ଆଂଚଳିକ ଦଳଭାବେ ଉତ୍କଳ କଂଗ୍ରେସ ୩୫ ଟି ଓ ଜନକଂଗ୍ରେସ ମାତ୍ର ଗୋଟିଏ ଆସନ ପାଇଥିଲା। ଏହି ସମୟରେ କଂଗ୍ରେସର ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପ୍ରବୀଣ ରାଜନୀତିଜ୍ଞ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ଃ. ହରେକୃଷ୍ଣ ମହତାବ, ବିଜୁ ପଟନାୟକ, ଆର.ଏନ ସିଂହଦେଓ ଓ ବୀରେନ ମିତ୍ରଙ୍କ ଭଳି ନେତାଙ୍କ ବିରୋଧ ସତ୍ତ୍ୱେ ନନ୍ଦିନୀ ଶତପଥୀ କଟକରୁ ଏକ ଉପନିର୍ବାଚନରେ ବିଜୟି ହେଲେ।

ନନ୍ଦିନୀ ଶତପଥୀ ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୭୫ ମସିହାରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରିହୋଇଥିଲା। ୧୯୭୭ ମସିହାରେ ଦେଶରେ ଏକ ସାଧାରଣ ନିର୍ବାଚନ ହେଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିର୍ବାଚନରେ ହାରିଯିବା ସହିତ କଂଗ୍ରେସଦ ଳ ମଧ୍ୟ ଶୋଚନୀୟଭାବେ ନିର୍ବାଚନ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜରୁରି ପରିସ୍ଥିତିରୁ ଶିକ୍ଷାଲାଭ କରି ଓଡିଶାର ବିରୋଧୀ ଦଳଗୁଡିକ ଏକଜୁଟ ହୋଇଥିଲେ। ଏଥିରେ ଉତ୍କଳକଂଗ୍ରେସ, ସ୍ୱତନ୍ତ୍ର ଦଳ,ସୋସାଲିଷ୍ଟ ପାର୍ଟିଗୁଡିକ ଏକ ହୋଇ ଜନତା ଦଳ ଗଠନ କରିଥିଲେ। ୧୯୭୭ ମସିହା ସାଧାରଣ ନିର୍ବାଚନରେ ଜନତା ଦଳ ୧୧୦ ଟି ଆସନରେ ବିଜୟି ହୋଇଥିଲା। ଓଡିଶାରେ ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠିତ ହେଲା। ବିଜୁବାବୁ କେନ୍ଦ୍ରରେ ମନ୍ତ୍ରୀ ହେଲେ। କାରଣ, କେନ୍ଦ୍ରରେ ମଧ୍ୟ ଜନତା ଦଳର ନେତୃତ୍ୱ ନେଇ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ହୋଇଥିଲେ। ମାତ୍ର କେନ୍ଦ୍ର ଜନତା ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେବାରୁ ପରେ ଚରଣ ସିଂ ଓ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହୋଇଥିଲେ। ରାଜନୈତିକ ପରିସ୍ଥିତି ବିଗିଡିଯାଇଥିଲା। କଂଗ୍ରେସ ର ସହଯୋଗନେଇ ସରକାର ଗଠିତ ହୋଇଥିଲା। ସାଧାରଣ କଥାରୁ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କରିନେବାରୁ ସରକାରର ପତନ ହେଲା। ପୁଣିଥରେ ୧୯୮୦ ମସିହାରେ ଦେଶରେ ନିର୍ବାଚନ ହେଲା।

୧୯୮୦ ମସିହା ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ପୁଣିଥରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କଲା। ଜାନକୀ ବଲ୍ଲଭ ପଟନାୟକ ମୁଖ୍ୟମନ୍ତ୍ରୀ ହେଲେ। ଏହି ନିର୍ବାଚନରେ କଂଗ୍ରେସ ଦଳ ୧୧୮ଟି ଆସନ ପାଇଥିଲା। ଚାରିବର୍ଷ ପରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ରାଜିବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ । ୧୯୮୪ ମସିହାରେ ନନ୍ଦିନୀ ଶତପଥୀ କଂଗ୍ରେସ ଦଳରୁ ଇସ୍ତଫା ଦେଇ ନିଜେ ଏକ ଆଂଚଳିକ ଦଳ ଗଠନ କଲେ। ଯାହାର ନାମ ରଖାଗଲା 'ଜାଗ୍ରତ ଓଡିଶା'। ୧୯୮୪ ମସିହା ସାଧାରଣ ନିର୍ବାଚନରେ ଜାଗ୍ରତ ଓଡିଶା ନିର୍ବାଚନରେ ଭାଗନେଇଥିଲେ ମଧ୍ୟ ସଫଳତା ପାଇପାରି ନଥିଲା। ମାତ୍ର ଦୁଇଟି ଆସନରେ ନିଜକୁ ଖୁସି କରିବାକୁ ହୋଇଥିଲା। କଂଗ୍ରେସ ଦଳ ଏହି ନିର୍ବାଚନରେ ପୁଣିଥରେ ଏକକ ସଂଖ୍ୟାଗରିଷ୍ଠତାହାସଲ କଲା। ଜାନକୀବାବୁ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ।

ଏମିତିଭାବେ କଂଗ୍ରେସ ସରକାର ବିରୋଧରେ ଜନମତ ଦେଖାଦେଲା। ୧୯୮୯ ନିର୍ବଚନରେ ବିଜୁବାବୁଙ୍କ ଦଳ ସଂଖ୍ୟାଗରିଷ୍ଠତା ହାସଲ କଲା। ଏହି ନିର୍ବାଚନରେ ବିଜୁବାବୁଙ୍କ ଦଳ୧୨୩ ଆସନ ପାଇ ଓଡିଶାରେ ରେକର୍ଡ କରିଥିଲା। ବିଜୁବାବୁ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ଏହାର ପରବର୍ତୀ ନିର୍ବାଚନରେ ବିଜୁବାବୁ ହାରିଯାଇଥିଲେ। ଦଳଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେବାରୁ ବିଜୁବାବୁଙ୍କର ପରାଜୟ ହେଲା। କଂଗ୍ରେସ ପୁରିଥରେ କ୍ଷମତାକୁ ଫେରିଲା। ଜାନକୀବାବୁ ପୁଣିଥରେ ତୃତୀୟ ଥର ଲାଗି ମୁଖ୍ୟମନ୍ତ୍ରୀ ହେଲେ। ଏହାର ପାଂଚ ବର୍ଷ ପରେ ଦୁଇ ହଜାର ମସିହାରେ ରାଜ୍ୟରେ ସାଧାରଣ ନିର୍ବାଚନ ହେଲା। ସେତେବେଳକୁ ବିଜୁବାବୁଙ୍କର ମୃତ୍ୟୁ ହୋଇଯାଇଥିଲା। ଓଡିଶାରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିଲା। ଏହି ସମୟରେ ନବୀନବାବୁଙ୍କୁ କଂଗ୍ରେସ ବିରୋଧୀମାନେ ରାଜନୀତିକୁ ଆସିବାକୁ ବାଧ୍ୟ କରିଥିଲେ। ତାଙ୍କରି ନେତୃତ୍ୱରେ 'ବିଜୁ ଜନତା ଦଳ' ଗଠିତ ହେଲା। କୁହାଯାଏ ବାଜପେୟିଙ୍କ ପରାମର୍ଶରେ କଂଗେସକୁ ପରାଜିତ କରିବା ପାଇଁ ବିଜେଡି-ବିଜେପିକୁ ଏକାଠି ନିର୍ବାଚନ ଲଢିବାକୁ ତାଙ୍କରି ପରାମର୍ଶରେ କାମ ହେଲା। ଏହି ସମ୍ପ୍ରରେ ବିଜୁ ଜନତା ଦଳର ଅନ୍ତମ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଦଳରୁ ବାହାର କରିଦିଆଗଲା। ସେ ପରବର୍ତୀ ସମୟରେ ଗଣପରିଷଦ ନାମରେ ଏକ ଆଂଚଳିକ ଦଳ ଗଠନ କଲେ। ଦୁଇ ହଜାର ମସିହା ନିର୍ବାଚନରେ ବିଜୁ ଜନତା ଦଳ ୬୮ ଟି ଆସନ ପାଇଥିଲା ବେଳେ ପରବର୍ତୀ ନିର୍ବାଚନ ଅର୍ଥାତ ୨୦୦୪ରେ ୬୧ ଟି ଆସନ ପାଇଥିଲା। ଦୁଇଥରଯାକ ବିଜେପି ସହିତ ମିଶି ନବୀନବାବୁ ସରକାର ଗଠନ କରିଥିଲେ। ଏହି ୯ ବର୍ଷ ମଧ୍ୟରେ ବିଜୁ ଜନତା ଦଳ ନିଜର ଶକ୍ତି ବୃଦ୍ଧି କରିବାରେ ସକ୍ଷମ ହୋଇପାରିଥିଲା। ଯାହାଫଳରେ ୨୦୦୯ ମସିହା ସାଧାରଣ ନିର୍ବାଚନରେ ବିଜେଡି, କାକି ନିର୍ବାଚନ ଲଢି୧୦୩ ଆସନ ପାଇଥିଲା। ସେଇପରି ୨୦୧୭ ମସିହା ନିର୍ବାଚନରେ ଏହାର ଶକ୍ତି ବୃଦ୍ଧି ପାଇ ୧୧୭ ରେ ପହଂଚିଥିଲା। ଦଳ ଏବେ କ୍ଷମତାସୀନ ଅଛି।

ଉପରୋକ୍ତ ତଥ୍ୟକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଓଡିଶାରେ ଆଂଚଳିକ ଦଳ ଭାବେ 'ଗଣତନ୍ତ୍ର ପରିଷଦ', ଜନକଂଗ୍ରେସ ଓ ଉତ୍କଳ କଂଗ୍ରେସ ଭଳି ଦଳ ୪ମତାସୀନ ହୋଇଥିଲେ ମଧ୍ୟ ସଂଖ୍ୟାଗରିଷ୍ଠତା ଲାଭ କରିପାରି ନଥିଲେ। ନନ୍ଦିନୀ ଶତପଥୀଙ୍କ ଜନକଂଗ୍ରେସ ଓ ବିଜୟ ମହାପାତ୍ରଙ୍କ ଗଣ ପରିଷଦ, ଖାରବେଳ ସ୍ୱାଇଁଙ୍କ ଉତ୍କଳ ଭାରତ, ଯତିଶ ମହାନ୍ତିଙ୍କ ସମୃଦ୍ଧ ଓଡିଶା ଏବଂ ପ୍ୟାରିମୋହନ ମହପାତ୍ରଙ୍କ ଜନମୋର୍ଚ୍ଚା ଓଡିଶାର ଲୋକଙ୍କ ଉପରେ ସେଭଳି କୌଣସି ପ୍ରଭାବ ପାଇପାରି ନଥିଲା। ସେଇପରି ବ୍ରଜ ତ୍ରିପାଠୀଙ୍କ ସମତାକ୍ରାନ୍ତି ଦଳ, ଓଡିଶା ଜନକ୍ରାନ୍ତି, ସୌମ୍ୟ ପଟନାୟକଙ୍କ ଆମ ଓଡିଶା କେବଳ ସାଇନ ବୋର୍ଡ ପାର୍ଟିରେବୋର୍ଡ ପାର୍ଟିରେ ପରିଣତ ହୋଇଥିଲେ। ଏହା ଭିତରେ ବହୁ ଆଂଚଳିକ ଦଳ ବିଭିନ୍ନ ଦଳରେ ମିଶିଗଲେଣି। ଲୋପ ପାଇଗଲେଣି। ଆଉ କେତେକ ସାଇନବୋର୍ଡ ପାର୍ଟିରେ ପରିଣତ ହୋଇଛନ୍ତି। ନବୀନବାବୁଙ୍କ ରାଜନୈତିକ ଚତୁରତାରେ ଏମାନେ ନିଜର ସ୍ଥିତିକୁ ଦୃଢ କରିପାରି ନାହାନ୍ତି।

ଏବେ ଆସିବା ବିଜେଡି ଛାଡିଥିବା ନେତାଙ୍କ ଦଳ ଗଠନ କଥାକୁ। ଏହ ପୂର୍ବରୁ ବିଜୟ ମହପାତ୍ର, ଦଳ ଗଠନ କରିଛନ୍ତି। ଫଳ କଣ ହୋଇଛି? କୁହାଯାଏ, ବିଜୟ ମହାପାତ୍ରଙ୍କର ଅନେକ ନେତାଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରହିଛି। ସାରା ଓଡିଶାର ବହୁ ନେତାଙ୍କ ସାହାଯ୍ୟ ମଧ୍ୟ ପାଇପାରିବେ। ମାତ୍ର ଫଳ କଣ ହେଲା? ବ୍ରଜ ତ୍ରିପାଠୀ ଏକ ଦଳ କରିଥିଲେ, କଣ ହେଲା? ଅନ୍ୟ ଯେଉଁମାନେ ଦଳରୁ ବିତାଡିତ ହୋଇଥିଲେ, ସେମାନଙ୍କର ଅବସ୍ଥା କଣ ହେଲା କଂଗ୍ରେସରେ ନିରଞ୍ଜନ ପଟନାୟକଙ୍କୁ ଲୋକେ ଗ୍ରହଣ କରୁ ନାହାନ୍ତି।


+ ଓଡ଼ିଶା ନ୍ୟୁଜ ସର୍ଭିସ୍,
ଭୁବନେଶ୍ୱର, ମୋ: ୭୦୦୮୪୫୬୧୬୦

# ଭାରତର ଇସ୍ରାଏଲ 'କସୌଲ'



ଗ୍ରୀଷ୍ମରେ ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ ଉତ୍ତରାଖର୍ଣ୍ଡର ହିଲ-ଷ୍ଟେସନଗୁଡ଼ିକରେ ଭିଡ଼ ଅଧିକ ଜମିଥାଏ । ତନ୍ମଧ୍ୟରୁ ଅନ୍ୟତମ ସ୍ଥାନ ହେଲା କସୌଲ। ଭାରତର ମିନି ଇସ୍ରାଏଲ ଭାବେ ଜଣାଯାଉଥିବା ଏଇ ପ୍ରନ୍ତରେ ସ୍ୱାଧୀନତା ପୂର୍ବରୁ କେବଳ ଇଂରେଜ ଶାସକଙ୍କ ଭିଡ଼ ଜମୁଥିଲା । ଏବେ ଦେଶବିଦେଶରୁ ସଂଖ୍ୟାଧିକ ପର୍ଯ୍ୟଟକ ଏଠାକୁ ଛୁଟି ଆସୁଛନ୍ତି । ଡିସେମ୍ବର ଶେଷ ସପ୍ତାହରୁ ଫେବୃଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଇ ଅଞ୍ଚଳରେ ବରଫପାତ ହେଉଥିବାବେଳେ ବର୍ଷର ଅନ୍ୟ ସମୟରେ ତାପମାତ୍ରା ୧୨-୨୧ ଡିଗ୍ରୀ ମଧ୍ୟରେ ରହିଥାଏ । ତେବେ ଗ୍ରୀଷ୍ମଦିନେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଅଧିକ ଜମିଥାଏ । ପାର୍ବତୀ ନଦୀ ନିକଟସ୍ଥ ଏଇ ଛୋଟ ସହରରେ ଇସ୍ରାଏଲୀ ଖାଦ୍ୟପାନୀୟର ଆଦର ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ । ଶାନ୍ତ ବାତାବରଣ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ କସୌଲରେ ଲୋକେ କ୍ୟାମ୍ପି କରିବାକୁ ମଧ୍ୟ ପସନ୍ଦ କରିଥାନ୍ତି । ଏଇ ସହରର ନିକଟସ୍ଥ ବିମାନବନ୍ଦର ହେଉଛି ଭୂନ୍ତର ବିମାନବନ୍ଦର ଯାହା କସୌଲଠାରୁ ମାତ୍ର ୩୮ କିମି ଦୂରରେ ଅବସ୍ଥିତ । ସଡ଼କପଥ ଓ ରେଳପଥରେ ମଧ୍ୟ ଏଠାକୁ ଯାତାୟାତର ସୁବିଧା ଉପଲବ୍ଧ ।

# ମଣିଷ ହେଟା

୧୫୬୪ ମସିହାରେ ଜର୍ମାନୀର କଲୋନ ନିକଟବର୍ତ୍ତୀ ଏକ ଅଞ୍ଚଳରେ ଆତଙ୍କ ଖେଳିଗଲା । ଅଳ୍ପ କେଇ ମାସ ମଧ୍ୟରେ ସେହି ଛୋଟ ଇଲାକାରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଲା । ଲୋକେ ଅନୁମାନ କଲେ ଯେ ହେବାବାଘଟିଏ ଲୋକମାନଙ୍କୁ ମାରି ଖାଇଯାଉଛି। ତାହା ଛଡ଼ା ମୃତ ବ୍ୟକ୍ତିମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଠି ସେଠି ପଡ଼ିଥିବାର ଦେଖାଯାଇଥିଲା । କାହାର ଖପୁରୀ ଦି' ଫାଳ ହୋଇଥିଲା । ତ କାହା ହୃତପିଣ୍ଡରୁ ଖଣ୍ଡେ ନଥିଲା । ଲୋକେ ଭୟରେ ଘରୁ ପଦାକୁ ବାହାରିଲେ ନାହିଁ । କଲୋନ ମେୟର ସେହି ଇଲାକାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ନିଯୁକ୍ତ କଲେ ହେଟା ବାଘଟିର ସନ୍ଧାନ ନେବା ପାଇଁ । ସେମାନେ ଦେଖିଲେ ବ୍ୟବସାୟୀ ପିଟର ଷ୍ଟୁବ୍ରେ ବଣ ବୁଦା ଆଡୁଆଳକୁ ଯାଇ ଦୁଇ ହାତ ତଳେ ଭରା ଦେଇ ଚାରିଗୋଡ଼ିଆ ପଶୁ ଭଳି ଚାଲୁଛନ୍ତି । ହେଟା ବାଘ ଭଳି ଗର୍ଜନ କରୁଛନ୍ତି । ଏବଂ ତାଙ୍କ ଦୌଡ଼ିବା ବେଗ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି । ନଖ ଓ ଦାନ୍ତ ଆକସ୍ମିକ ଭାବେ ବଢ଼ିଯାଉଛି ।

ଶେଷରେ ତାଙ୍କୁ ଗିରଫ କରାଗଲା । ପ୍ରଥମରୁ ସେ ଏପରି ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କଲେ ବି ହାଜତରେ ଅକଥନୀୟ ନିର୍ଯ୍ୟାତନା ପରେ ସେ ଅପରାଧ ସ୍ୱୀକାର କଲେ । ଏପରିକି ସେ, ହେଟାବାଘ ପାଲଟିଲା ବେଳେ ତାଙ୍କର କିପରି ନଖ ବଢ଼ିଯାଏ, ଦେହରେ ବଡ଼ ବଡ଼ ରୁମ ଠିଆହୋଇଯାଏ, ଦାନ୍ତ କେମିତି ବଢ଼ିଯାଏ, ନଖଗୁଡ଼ିକ କିଭଳି ପଞ୍ଝା ପାଲଟିଯାଏ, ତାହା ପୁଲିସ ନିକଟରେ ପ୍ରଦର୍ଶନ କଲେ । ଦୀର୍ଘ ବର୍ଷର ବିଚାର ଚାଲିବା ପରେ ତାଙ୍କୁ ୧୫୮୯ ଅକ୍ଟୋବର ୩୧ ତାରିଖରେ ସର୍ବସାଧରଣରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା ।

# ବିଉଟୀ ଟିପ୍ସ



୧ଚାମଚ ବନ୍ଧାକୋବିପତ୍ର ରସ, ୧ଚାମଚ ଗୋଲାପଜଳ, ୧ଚାମଚ କାକୁଡ଼ିରସ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ ଏବଂ ଏହି ପ୍ୟାକକୁ କିଛି ସମୟ ପାଇଁ ଫ୍ରିଜରେ ରଖନ୍ତୁ । ପରେ ପ୍ୟାକଟିକୁ ଥଣ୍ଡା କରି ଦେଇ, ତୁଳା ସାହାଯ୍ୟରେ ମୁଖରେ ଲଗାନ୍ତୁ ଏହି ପ୍ୟାକକୁ ଦିନକୁ ୭/୮ ଥର ବ୍ୟବହାର କରିପାରିବେ । ତେବେ ନିୟମିତ ଏପରି କରିବା ଦ୍ୱାରା ଏହା ତ୍ୱଚାର ରଙ୍ଗ ଫିଟିବା ସହିତ ନମନୀୟ ମଧ୍ୟ ହୋଇଥାଏ ।

# ବଢ଼ିପାରେ ଏଚ-ୱାନବି ଭିସା ଲିମିଟ୍

ଆମେରିକା ଭାରତକୁ ଦେଉଥିବା ଏଚ-ୱାନବି ଭିସା ୧୦ ପ୍ରତିଶତ ସୀମିତ ଥିବାବେଳେ ଏହା ୧୫ ପ୍ରତିଶତକୁ ବଢ଼ିବା ନେଇ ଗୁଜବ ପ୍ରକାଶ ପାଇଛି । ଅବଧି ବଢ଼ିବା ନେଇ ଦୁଇ ବିଦେଶୀ କର୍ମଚାରୀ କହିଛନ୍ତି । ପ୍ରତିବର୍ଷ ଆମେରିକା ୮୫,୦୦୦ ଏଚ-ୱାନବି ଭିସା ଜାରି କରୁଥିବାବେଳେ ଏଥିରେ ୭୦ ପ୍ରତିାତ ଭିସା କେବଳ ଥାଏ ଭାରତୀୟଙ୍କର । ଯଦି ଭିସାର ଅବଧି ବଢ଼େ ତେବେ ଏହା ଭାରତୀୟଙ୍କ ପ୍ରତି ଲାଭଜନକ ସାବ୍ୟସ୍ତ ହେବ । ଟିସିଏସ ଓ ଇଥନଫୋସିସ ପରି ବଡ଼ କମ୍ପାନୀମାନେ ଏଚ-ୱାନବି ଭିସା ମାଧ୍ୟମରେ ଡେଭଲପରମାନଙ୍କୁ ଆମେରିକା ପଠାନ୍ତି । ଆଇଟି ସେକ୍ଟର ଲୋକଙ୍କୁ ଏନେଇ ସୁବିଧା ହୋଇପାରେ । ୧୦.୫ଲକ୍ଷ କୋଟି ଟଙ୍କାର ଆଇଟି କମ୍ପାନୀ ପାଇଁ ଆମେରିକା ସବୁଠାରୁ ବଡ଼ ବଜାର । ଆମେରିକା ପ୍ରତିବର୍ଷ ଅନ୍ୟଦେଶରୁ କର୍ମଚାରୀମାନଙ୍କୁ ନିଜ ଦେଶରେ କାମ କରେଇବା ପାଇଁ ମଞ୍ଜୁରି ଦେବା ପାଇଁ ଏଚ-ୱାନବି ଭିସା ଜାରି କରିଥାଏ ।

# ସ୍ୱାସ୍ଥ୍ୟକାରୀ ଦହି



କ୍ଷୀର ଭଳି ଦହି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭକାରୀ ହୋଇଥାଏ । ଦହିରେ ଭରପୁରମାତ୍ରାରେ ଫସଫରସ ଏବଂ ଭିଟାମିନ ରହିଥାଏ, ଯାହା କ୍ୟାନ୍ସର ଏବଂ ପେଟର ଅନ୍ୟ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୁଏ । ଏଣୁ ପ୍ରତ୍ୟେକ ବ୍ୟକ୍ତି ନିୟମିତ ଦହିର ସେବନ କରିବା ଆବଶ୍ୟକ । ଦହି ରକ୍ତକୋଶିକା ପାଇଁ ବିଶେଷ ଫଳପ୍ରଦ ହୋଇଥାଏ । ନିୟମିତ ରୂପେ ଦହିର ସେବନ କରିବା ଦ୍ୱାରା ରକ୍ତକୋଶିକା ମଜଭୁତ ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ବୟସ୍କ ବ୍ୟକ୍ତିବିଶେଷଙ୍କ ପାଇଁ ଦହି ସର୍ବୋତ୍କୃଷ୍ଟ ହୋଇଥାଏ । ଅନେକ ଡାଇଟିସିଆଲ ନିୟମିତ ରୂପେ ଦହି ଖାଇବା ପାଇଁ ଉପଦେଶ ହୋଇଥାନ୍ତି । ଦହି ହୃଦରୋଗରୁ ରକ୍ଷା କର୍ଇବ। ସହ ଶରୀରରେ କୋଲେଷ୍ଟ୍ରୋଲ କମ କରିଥାଏ । ଦହି ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ ରଖିବାରେ ବିଶେଷ ସହାୟକ ହୋଇଥାଏ । ଏଥିପାଇଁ ଖରାଦିନରେ ଅନେକ ଲୋକ ଦହିରେ ପ୍ରସ୍ତୁତ ହୋଇଥିବା ସରବତକୁ ପାନୀୟ ଭାବେ ଗ୍ରହଣ କରିଥାନ୍ତି ।

# ପିଲାଙ୍କୁ ଶିଖାନ୍ତୁ ଶିଷ୍ଟାଚାର



ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ଛୋଟ ବୟସରୁ ହିଁ ପିଲାଙ୍କୁ ଆଦବକାଇଦା, ଭଦ୍ରାମି, ଶିଷ୍ଟାଚାର ଶିଖାଗଲେ ତାହା ବଡ଼ଦିନରେ ତାଙ୍କ ବ୍ୟବହାରରେ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ମନସ୍ତତ୍ତ୍ୱବିତ୍ ଇଶିତା ଭୁଖାର୍ଜୀ କହିଛନ୍ତି ସେ ଏଯାବତ୍ ବିଭିନ୍ନ ବୟସର ପିଲାଙ୍କୁ ଅନୁଧ୍ୟାନ ପକରିସାରିଲେଣି । ପରିବାରରେ ପିଲାଙ୍କୁ ଶିଷ୍ଟାଚାର ତଥା ଭଦ୍ରାମି ପ୍ରଥମେ ମା ହିଁ ଶିଖାଇଥାନ୍ତି । ତେବେ କେତେକ ପରିସ୍ଥିତିରେ ଘରର ବୟୋଜ୍ୟେଷ୍ଠ ଯେପରି ଜେଜେମା', ଜେଜେବାପା' ନାତିନାତୁଣୀଙ୍କୁ ଗେହ୍ଲା ଆଦର କରି ଏସବୁ ଏବେ କରିବାର ଆବଶ୍ୟକତା ନାହିଁ ବୋଲି ବୁଝାଇନିଅନ୍ତି । ଅଧିକାଂଶ ଘରେ ଜେଜେମା'ମାନଙ୍କ ଯୁକ୍ତି ଯେ ଆମ ପିଲା ବଡ଼ ହେଲେ ସବୁ ଆପେ ଆପେ ଶିଖିଯିବ । ଏହା ହିଁ ସେଇ ଛୋଟ ପିଲାକୁ ଭୁଲ ଦିଗରେ ବଢ଼ିବାକୁ ପ୍ରୋତ୍ସାହିତ କରେ ।

ଘରକୁ କେହି ଆସିଲେ ପ୍ରଣାମ କରିବା, ସେମାନଙ୍କ ସହ ବସି ବାର୍ତ୍ତାଳାପ କରିବା ଇତ୍ୟାଦି ପିଲାଙ୍କୁ ଶିଖାନ୍ତୁ । ପାଖାପାଖି ୧୫୦ରୁ ଅଧିକ ପରିବାର ଏକ ସର୍ବେକ୍ଷଣରେ ସାମିଲ ହୋଇଥିଲେ । ଏଥିରେ ୯ବର୍ଷରୁ ୧୫ ବର୍ଷ ପୟସର ପିଲାମାନେ ସାମିଲ ଥିଲେ । ୬୭% ପିଲା ଅତିଥିଙ୍କ ସାମ୍ନାକୁ ଆସିନଥିବା ବେଳେ ପ୍ରଣାମ କରିବାକୁ ମଧ୍ୟ ଉଚିତ୍ ମଣିନଥିଲେ । ଭାରତୀୟ ପରିବାରରେ ଜୀବନଶୈଳୀ ପରିବର୍ତ୍ତନ ହେବା ସହ ବିଦେଶୀ ଢ଼ାଞ୍ଚାକୁ ଅଧିକ ଆପଣାଉଛନ୍ତି । ପରିବାରର ପ୍ରତ୍ୟେକ ସଦସ୍ୟ ଏ ଦିଗ ପ୍ରତି ସଚେତନ ହେବା ସହ ଯଥା ପଦକ୍ଷେପ ନେବା ଆବଶ୍ୟକ।

# ରୋଷେଇଘର ବଡ଼ ଦେଖାଯିବ



ସାଧାରଣତଃ ରୋଷେଇଘର ଅନ୍ୟ କକ୍ଷଗୁଡ଼ିକଠାରୁ ଛୋଟ ହୋଇଥାଏ । ହେଲେ, ଏଠାରେ ବ୍ୟବହାର ହେଉଥିବା ଜିନିଷ ସଂଖ୍ୟା ଅଧିକ । ଏପରି କେତେକ କଥା ପ୍ରତି ଦୃଷ୍ଟି ଦେଲେ ରୋଷେଇ ଘରେ ବି ପର୍ଯ୍ୟାପ୍ତ ସ୍ଥାନ ପାଇପାରିବେ ।

ପ୍ଲାଟଫର୍ମ ଉପରେ ଅଧିକ ଜିନିଷ ରଖନ୍ତୁ ନାହିଁ । ଏଥିରେ ଜିନିଷ ଖୋଜିବା ବିଳମ୍ବ ହେବା ସହିତ ରୋଷେଇଘର ଅବ୍ୟବସ୍ଥିତ ଦେଖାଯିବ ।

କ୍ୟାବିନେଟ ତଳେ ପ୍ଲାଟଫର୍ମ ମଧ୍ୟରେ ମ୍ୟାଗନେଟ୍ ହୋଲଡର ଲଗାନ୍ତୁ । ଏଥିରେ ଛୁରୀ, ଚାମଚ, ଡାଲି ଓ ମସଲା ଡବା ଆଦି ଲଗାଇପାରିବେ ।

ଏକାଧିକ ଭାବେ ବ୍ୟବହାର ହୋଇପାରୁଥିବା କାଠବୋର୍ଡ ରୋଷେଇଘରେ ଲଗାଇଲେ ଏହାକୁ ଚପିଙ୍ଗ ବୋର୍ଡ ସହିତ ରୁଟି, ପୁରି ଆଦି ବେଲିବା ଲାଗି ବ୍ୟବହାର କରିପାରିବେ ।

ବେସିନ ପାଖରେ ଧୋଇଥିବା ବାସନ ରଖିବା ପାଇଁ ଯେଉଁ ଜାଲିଥିବ, ଏହାର ଦୁଇ ପାଖରେ ଛୋଟଛୋଟ ହୋଲଡର ଲଗାଇ ଅଧିକ ବାସନ ରଖିପାରିବେ ।

ମସଲା ଡବା ଲାଗି ଘୂରୁଥିବା ଥାକ ବ୍ୟବହାର କରିବା ଭଲ ।

# ଅମୃତଭଣ୍ଡା

ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ଏକ ଉପାଦେୟ ଫଳ । ଏଥିରେ ଏକାଧିକ ଜୀବସାର ଓ ଖଣିଜ ଭରି ରହିଥାଏ । ଗୋଟିଏ ସାଧାରଣ ଆକାରର ଅମୃତଭଣ୍ଡାରେ ୧୨୦ କ୍ୟାଲୋରି ରହିଥାଏ । ଏହା ସହିତ ୩୦ଗ୍ରାମ କାର୍ବୋହାଇଡ୍ରେଟ୍ସ, ୫ଗ୍ରାମ ଫାଇବର, ୧୮ଗ୍ରାମ ଶର୍କରା ଓ ସୁଇଗ୍ରାମ ପ୍ରୋଟିନ ଥାଏ । ମ୍ୟାଗନେସିୟମ ଓ କପର ପଣ୍ଟେଥେନିକ ଏସିଡ୍ ପରି ଶରୀର ପାଇଁ ଆବଶ୍ୟକ ବହୁତତ୍ତ୍ୱ ରହିଥିବାରୁ ଏହାର ନାମ ଅମୃତଭଣ୍ଡା ରଖାଯାଇଛି ।



**ଫାଇଦା:**

ଅର୍ଶ , ଅଗ୍ନିମାନ୍ଦ୍ୟ ଓ କୋଷ୍ଠକାଠିନ୍ୟ ଭୋଗୁଥିବା ରୋଗୀଙ୍କ ପାଇଁ ଅମୃତଭଣ୍ଡା ବିଶେଷ ଉପକାରୀ ।

କଞ୍ଚା ଅମୃତଭଣ୍ଡା ସିଝା ପ୍ରତିଦିନ କାଇଲେ ଶୂନରାଗରୁ ଉପଶମ ମିଳିଥାଏ ।

ତ୍ୱଚାକୁ ଉଜ୍ଜ୍ୱଳ କରିବାର ବିଶେଷ କ୍ଷମତା ଅମୃତଭଣ୍ଡାର ରହିଛି । ଏହାର ରସ ମୃତ କୋଷଗୁଡ଼ିକ ଦୂର କରି ତ୍ୱଚାରେ ଚମକ ସୃଷ୍ଟି କରେ । ଏହାକୁ ଫେସପ୍ୟାକ ପରି ବ୍ୟବହାର କଲେ ମୁଖର ସୌନ୍ଦର୍ଯ୍ୟ ବୃଦ୍ଧିହୁଏ ।

ଏହା ରକ୍ତରେ କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ।

କଞ୍ଚା ଅମୃତଭଣ୍ଡାକୁ ପରିବା ଓ ଫଳ ଭାବରେ ଖାଆନ୍ତୁ । ଏହା ଅକାଳ ବାର୍ଦ୍ଧକ୍ୟ ଦୂର କରିବାରେ ସହାୟକ ହୁଏ । ବ୍ରଣ ପାଇଁ ଅମୃତଭଣ୍ଡା ଫୁଲ ବେଶ ଉପକାରୀ । ଫୁଲକୁ ବାଟି ବ୍ରଣ ଉପରେ ଲଗାଇଲେ, ବ୍ରଣ ଭଲ ହୁଏ । ଯେଉଁମାନଙ୍କ ଓଜନ ବେଶି ସେମାନେ ପ୍ରତିଦିନ ଅମୃତଭଣ୍ଡା ଖାଇବା ୁଚିତ । ଜୀବସାର ଓ ଖଣିଜ ପ୍ରଚୁର ମାତ୍ରାରେ ରହିଥିବାରୁ ଅମୃତଭଣ୍ଡା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ । ଏହାର ନିୟମିତ ଭୋଜନ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ।

ଥଣ୍ଡା, ଜ୍ୱର, ଓ କାଶର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ ।

ଭୋକ ହେଉ ନଥିଲେ ଖାଇବା ପୂର୍ବରୁ ଦୁଇ ଚାମଚ ଅମୃତଭଣ୍ଡା କ୍ଷୀର ସହିତ ଏକ ଚାମଚ ଚିନି ମିଶାଇ ଖାଆନ୍ତୁ ଭୋକ ଲାଗିବ ।

# ବର୍ଷାଋତୁରେ ଗହଣା



ଆଜିର ସମୟରେ ଯୁବତୀ ଓ ମହିଳାମାନେ ବିଭିନ୍ନ ଡିଜାଇନର ଆଭୁଷଣ ପିନ୍ଧୁଛନ୍ତି । ସୁନା ରୂପା ସହ ବ୍ଲାକମେଟାଲ, କାଠ ଓ ମାଟିରେ ନିର୍ମିତ କାନଫୁଲ ଓ ହାରର ଚାହିଦା ଏବେ ଅଧିକ । ତେବେ ବର୍ଷାଦିନେ ଏସବୁର ବିଶେଷ ଯତ୍ନ ନେବା ନିତାନ୍ତ ଆବଶ୍ୟକ । କାରଣ ଏହି ଋତୁରେ ନିତ୍ୟବ୍ୟବହାର୍ଯ୍ୟ ଆଭୂଷଣକୁ ସୁରକ୍ଷିତ ନ ରଖିଲେ, ତାହା ଶୀଘ୍ର ଖରାପ ହୋଇଯାଏ । ଅନଲାଇନ ସାଇଟ ଦୋକାନରେ କାନଫୁଲ ଓ ହାର ନିମନ୍ତେ ଭିନ୍ନଭିନ୍ନ ଆକାରର ଅର୍ଗାନାଇଜର ବକ୍ସ ମିଳୁଛି । ଏସବୁ କିଣି କାନଫୁଲକୁ ଯଥାସ୍ଥାନରେ ରଖନ୍ତୁ । ଏହା ସହ ଏହି ଅର୍ଗାନାଇଜରରେ ଗନ୍ଧକର୍ପୂର ମଧ୍ୟ ରଖିବା ଉଚିତ । ପ୍ରତ୍ୟେକ ଗହଣା ବାକ୍ସରେ ସିଲିକା ପ୍ୟାକେଟ ରଖିବା ଉଚିତ । ବର୍ଷାଦିନେ ଇମିଟେସନ ଗହଣା ନପିନ୍ଧିବା ଭଲ । କାରଣ ବର୍ଷାରେ ଏସବୁର ରଙ୍ଗ ଧୋଇଯିବାର ଆଶଙ୍କା ରହିଛି । ବର୍ଷାରେ ଓଦା ହୋଇଗଲେ, ଘରକୁ ଫେରିବା ପରେ ତୁରନ୍ତ ଗହଣା ବାହାର କରି ଶୁଖିଲା କପଡ଼ାରେ ପୋଛି ଯଥାସ୍ଥାନରେ ରଖିଦିଅନ୍ତୁ ।

# ବର୍ଷା ପୂର୍ବର ସତର୍କତା

ମୌସୁମୀର ସ୍ପର୍ଶରେ ପୂରା ବର୍ଷର ସବୁଜିମା ରୂପ ଦେଖାଦେଇଛି। ଏଇ ଦିନେ ପ୍ରତ୍ୟେକ ବର୍ଗର ଲୋକ ନିଜ ଖାଦ୍ୟପାନୀୟ ବାବଦରେ ଅଧିକ ସତର୍କ ରହିବା ଦରକାର । ଖାଇବାରେ ସାମାନ୍ୟ ଏପଟ ସେପଟ ହେଲେ ପେଟ ଖରାପ ହେବାର ଆଶଙ୍କା ସବୁଠୁ ଅଧିକ । ଏଇ ଋତୁରେ ସେଓ, କଦଳୀ, ମ୍ଲିମ୍ବ, ପରି ଫଳ ଖାଆନ୍ତୁ । ଆମ୍ବ ବର୍ଷା ଦିନେ ଖାଇଲେ ପେଟ ଖରାପ ହୋଇଥାଏ । କାରଣ ଆମ୍ବ ଫଳଟି ସମଜରେ ହଜମ ହୋଇପାରବନି । ଅଧିକ ଲୁଣି ଖାଦ୍ୟ ମଧ୍ୟ ସ୍ୱାସ୍ଥ୍ୟଗତ ଅସୁବିଧା କରିପାରେ । କ୍ୱଚିତ୍ ଛଣାଛଣି ଖାଦ୍ୟ ଖାଇପାରନ୍ତି ।

ଏଇଦିନେ ଶାରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ହଳଦୀ ମିଶା ଉଷୁମ ଖିର ପିଇବା ଉଚିତ ବୋଲି ଖାଦ୍ୟ ବିଶେଷଙ୍କ ମତ ।

ପ୍ରତ୍ୟେକ ପରିବାକୁ ଭଲଭାବେ ଧୋଇ ପରିଷ୍କାର କରିବା ପରେ ତାହାକୁ କାଟି ରୋଷେଇ କରନ୍ତୁ ।

ଚିକେନ ମଟନ ପରିବର୍ତ୍ତେ ମାଛ ଖାଇପାରନ୍ତି। ସହଜରେ ହଜମ ହେଲା ଭଳି ଭୋଜନ କରିବା ଏଇ ଦିନେ ହିତକାରୀ ।

ଥଣ୍ଡା, ସର୍ଦ୍ଦି ନିୟମିତ ହେଉଥିଲେ ମୂଳା ଭଜା ଖାଇବା ସହ ମୂଳା ରସ ମଧ୍ୟ ପିଇପାରନ୍ତି । ବାହାର ଖାଦ୍ୟ ଏଇଦିନେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଉଚିତ ।



# ମଧ୍ୟପ୍ରଦେଶର 'ଗୃହ ପ୍ରବେଶମ୍ ?' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ

**ପିଏମ୍ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ନିର୍ମିତ ୧.୭୫ ଲକ୍ଷ ଘରକୁ କରିବେ ଉଦ୍‌ଘାଟନ**

ନୂଆଦିଲ୍ଲୀ, ୧୦ ସେପଟ୍ଟେମ୍ବର (ହି.ସ.) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୨ ତାରିଖରେ ମଧ୍ୟପ୍ରଦେଶର 'ଗୃହ ପ୍ରବେଶମ୍ ?' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ରାଜ୍ୟରେ ନିର୍ମିତ ହୋଇଥିବା ୧.୭୫ ଲକ୍ଷ ଘରର ଉଦ୍ ?ଘାଟନ ଭିଡିଓ କନ୍ ?ଫରେନ୍ସିଂ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସଂପନ୍ନ ହେବ । ଏସବୁ ଘର କରୋନା ମହାମାରୀ ସମୟରେ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ନିର୍ମିତ ହୋଇଛି । ୨୦୨୨ ସୁଦ୍ଧା ସବୁ ନିରାଶ୍ରୟଙ୍କୁ ଘର ଯୋଗାଇ ଦେବାକୁ ପ୍ରଧାନମନ୍ତ୍ରୀ ଯେଉଁ ଘୋଷଣା କରିଥିଲେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ୨୦୧୬ ନଭେମ୍ବର ୨୦ରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ସମଗ୍ର ଦେଶରେ ଏପର୍ଯ୍ୟନ୍ତ ୧.୧୪ କୋଟି ଗୃହ ନିର୍ମିତ ହୋଇଛି । ମଧ୍ୟପ୍ରଦେଶରେ ୧୭ ଲକ୍ଷ ଗରିବ ଲୋକଙ୍କୁ ଏଯାବତ୍ ? ଏହି ଯୋଜନାରେ ଘର ଯୋଗାଇ ଦିଆଯାଇ ଉପକୃତ କରାଯାଇଛି । ହିତାଧିକାରୀମାନେ ସମସ୍ତେ ଗରିବ ଶ୍ରେଣୀର । ସେମାନଙ୍କର ଆଦୌ ଘର ନ ଥିଲା ବା ଭଙ୍ଗାରୁଜା କାମଚଳା ଘରେ ସେମାନେ ଆଶ୍ରୟ ନେଉଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଘର ତିଆରି କରିବା ପାଇଁ ଶତପ୍ରତିଶତ ଅନୁଦାନ ବା ୧.୨୦ ଲକ୍ଷ ଟଙ୍କା ଯୋଗାଇ ଦିଆଯାଉଛି । ସେଥିମଧ୍ୟରୁ କେନ୍ଦ୍ର ସରକାର ୬୦ ଶତାଂଶ ଏବଂ ରାଜ୍ୟ ସରକାର ୪୦ ଶତାଂଶ ଅର୍ଥ ବହନ କରୁଛନ୍ତି । ଏହି ଘର ତିଆରି ପାଇଁ ୪ଟି କିସ୍ତିରେ ଅର୍ଥ ଯୋଗାଇ ଦିଆଯାଉଛି । ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ତଦାରଖ କରିବା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପଠାଯାଉଛି । ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ଜିଓଟ୍ୟାଗ ଫଟୋଗ୍ରାଫ ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ୨୦୨୨ ସୁଦ୍ଧା ସମଗ୍ର ଦେଶରେ ୨.୯୫ କୋଟି ଘର ତିଆରି କରିବାର ଲକ୍ଷ୍ୟ ରଖାଯାଇଛି । ଏହି ଘର ନିର୍ମାଣ ସହାୟତା ସହିତ ହିତାଧିକାରୀମାନଙ୍କୁ ଅଣକୁଶଳୀ ଶ୍ରମିକଙ୍କ କ୍ଷେତ୍ରରେ ୯୦ରୁ ୯୫ ଦିନର ମଜୁରି ଏମ୍ ?ଜି ନରେଗା ଯୋଜନାରେ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ସଂପୃକ୍ତ ହିତାଧିକାରୀ ଏହାଫଳରେ ୩ ମାସର ରୋଜଗାରର ସୁବିଧା ପାଉଛନ୍ତି । ସେହିଭଳି ଯେଉଁମାନେ ନିଜର ଶୌଚାଳୟ ତିଆରି କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରତ୍ୟେକ ୧୨ ହଜାର ଟଙ୍କା ଲେଖାଏଁ ଗ୍ରାମୀଣ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଯୋଗାଇ ଦିଆଯାଉଛି । ହିତାଧିକାରୀଙ୍କୁ ଏହି ସୁବିଧା ସହିତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ୍ ?, ବିଜୁଳି ସଂଯୋଗ, ଜଳଜୀବନ ମିଶନରେ ନିରାପଦ ପାନୀୟ ଜଳ ଆଦି ପ୍ରଦାନ କରାଯାଉଛି । ମଧ୍ୟପ୍ରଦେଶ ସରକାର ନିଜର ସମୃଦ୍ଧ ପର୍ଯ୍ୟବାସ ଅଭିଯାନ ଯୋଜନାରେ ବିଭିନ୍ନ ୧୭ଟି ଯୋଜନାକୁ ମିଶାଇ ଗରିବ ଲୋକଙ୍କୁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି । ଏଥିରେ ସାମାଜିକ ନିରାପତ୍ତା, ପେନସନ ଯୋଜନା, ରାସନ କାର୍ଡ, ପ୍ରଧାନମନ୍ତ୍ରୀ କୁଶଳ ବିକାଶ ଯୋଜନା, ଜାତୀୟ ଗ୍ରାମାଞ୍ଚଳ ଜୀବିକା ମିଶନ ଆଦିକୁ ମିଶାଇ ହିତାଧିକାରୀଙ୍କୁ ଅତିରିକ୍ତ ସୁବିଧା ଯୋଗାଇ ଦିଆଯାଉଛି ।

## ପୋଲିସ ତରଫରୁ ମାସ୍କ ଚେକିଙ୍ଗ, ୩ ହଜାର ୨ ଶହ ଟଙ୍କା ଫାଇନ ଆଦାୟ

ଭୁବନ, ୧୦ ସେପ୍ଟେମ୍ବର (ହି.ସ.)- ଭୁବନରେ କରୋନା ଧିରେଧିରେ ନିୟନ୍ତ୍ରଣକୁ ଆସୁଥିବା ବେଳେ ସଂପୂର୍ଣ୍ଣ ମୂଳପୋଛ କରିବା ସକାଶେ ପୋଲିସ ତରଫରୁ ମାସ୍କ ଚେକିଙ୍ଗକୁ ଗୁରୁତ୍ୱ ଦିଆଯାଉଛି । ଲୋକମାନେ ପୂର୍ବାପେକ୍ଷା ସଚେତନ ହେଲେଣି, ଏବେ ଅଧିକାଂଶ ଲୋକ ବଜାରକୁ ଆସିଲା ବେଳେ ମୁହଁରେ ମାସ୍କ ପିନ୍ଧି ଆସୁଥିବା ଦେଖିବାକୁ ମିଳୁଛି । ତଥାପି ଭୁବନ ପୋଲିସ ତରଫରୁ ବିଭିନ୍ନ ଛକ ରେ ମାସ୍କ ଚେକିଙ୍ଗ ଚାଲୁରହିଛି । ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ସହିତ ଏଏସଆଇ ପ୍ରଭାତ କୁମାର ନାୟକ ଆଇଆରବି ଫୋର୍ସ ଙ୍କ ଗହଣରେ ଚେକିଙ୍ଗ କରୁଛନ୍ତି । ଗତକାଲି ଓ ଆଜି ଦୁଇ ଦିନରେ ମାସ୍କ ପିନ୍ଧିନଥିବା ବ୍ୟକ୍ତି ମାନଙ୍କ ଠାରୁ ସମୁଦାୟ ୩ ହଜାର ୨ ଶହ ଟଙ୍କା ଫାଇନ ଆଦାୟ କରାଯାଇଥିବା ଭୁବନ ଥାନା ସୂତ୍ରରୁ ଜଣାପଡିଛି ।

## ଗୁଣପୁର ଉପଜିଲାପାଳ : ବଦଳିଲେ ବଳିରାମ, ଆସିଲେ ଜେ.ସୋନାଲ

ଗୁଣପୁର,୧୦।୯(ସ.ପ୍ର)- ଗତକାଲି ସରକାରଙ୍କ ପକ୍ଷରୁ ଏଠାରେ କାର୍ଯ୍ୟରତ ଉପଜିଲାପାଳ ତଥା ଯୁବ ଆଇଏଏସ ଡଃ ବିଏସ ବଳିରାମଙ୍କୁ ବଦଳି ହୋଇଥିବା ବେଳେ ଗଜପତି କୋଭିଡ ପରିଚାଳନା ଓଏସଡି ଦାୟିତ୍ୱରେ ଥିବା ଜେ.ସୋନାଲଙ୍କୁ ଏଠାରେ ଅବସ୍ଥାପିତ କରାଯାଇଛି । ବଦଳି ଉପଜିଲାପାଳ ଶ୍ରୀ ବଳିରାମ ନିର୍ବାଚନ ପରିଚାଳନା, ରଥଯାତ୍ରା ପରିଚାଳନା, କୋଭିଡ ମୁକାବିଲା ଠାରୁ ଆରମ୍ଭ କରି ସହରର ସୌନ୍ଦର୍ଯ୍ୟକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ନିର୍ବିବାଦୀୟ ବ୍ୟକ୍ତିତ୍ୱ ଓ ଲୋକଙ୍କ ସହ ଉତ୍ତମ ବ୍ୟବାହର ପାଇଁ ଜନମାନସର ବେଶ୍ ପସନ୍ଦର ଅଧିକାରୀ ଥିଲେ । ସେ ଦୀର୍ଘ ବର୍ଷ ଏଠାରେ କାର୍ଯ୍ୟରତ ଥିବାବେଳେ ଆଦିବାସୀ ଓ ଦୁର୍ଗମ ଇଲକା ଗ୍ରସ୍ତ କରି ଲୋକଙ୍କ ସୁଖଦୁଃଖରେ ଭାଗିଦାରୀ ହୋଇପାରିଥିଲେ । ଶ୍ରୀବଳିରାମଙ୍କୁ ବ୍ରହ୍ମପୁର ପୌର ନିଗମର କମିଶନର ଭାବେ ବଦଳି ହୋଇଛି । ଆଜି ସନ୍ଧ୍ୟାରେ ଏହି ଅବସରରେ ଅମଲାସଂଘ, ଉପଜିଲାପାଳ, ତହସିଲ, ପୌରସଂସ୍ଥା, ଆରଏମସି, ବ୍ଲକ କାର୍ଯ୍ୟାଳୟ, ସହରର ବିଭିନ୍ନ ସଂଗଠନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସଭାରେ ଶ୍ରୀବଳିରାମ ଗତ ୨୦ମାସ ଧରି ଏଠାରେ ଅବସ୍ଥାପିତ ଥିବା ସମୟରେ ତାଙ୍କର କାର୍ଯ୍ୟଶୈଳୀ ଓ ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିଭଳି ତାଙ୍କ ବଦଳରେ ଗଜପତି ଜିଲା କୋଭିଡ ପରିଚାଳନା ଓଏସଡି ଜେ.ସୋନାଲ ଆଜି ସନ୍ଧ୍ୟାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହି ଯୁବ ଆଇଏଏସଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି ।

# କୋଭିଡ ପରିଚାଳନାର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ

ଭଦ୍ରକ, ୧୦ ସେପ୍ଟେମ୍ବର (ହି.ସ.) - ଭଦ୍ରକ ଜିଲ୍ଲାର କୋଭିଡ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ଜିଲ୍ଲାର କୋବିଡ ପରିଚାଳନା ନେଇ ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ଅଧକ୍ଷତା କରି ଶ୍ରୀଯୁକ୍ତ ପାଢୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ଗରୁତ୍ୱାରାପେ କରିଥିଲେ । କୋବିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ଚିକିତ୍ସା, ଖାଇବା ପିଇବା, ଜିଲ୍ଲାରେ ହେଉଥିବା ସାମ୍ପୁଲ ସଂଗ୍ରହ ସମ୍ପର୍କରେ ପଚାରି ବୁଝିଥିଲେ । ଯେଉଁ ଆକ୍ରାନ୍ତମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ସେମାନଙ୍କୁ ପ୍ଲାଜମା ଦାନ ପାଇଁ ପ୍ରବର୍ତ୍ତାଇବା ଓ ସଚେତନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ । ଯେପରି ଅଧିକରୁ ଅଧିକ ସଂଖ୍ୟାରେ ପ୍ଲାଜମା ସଂଗ୍ରହ କରାଯାଇ ପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ ।ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରାମଭକ୍ତ ମିଶ୍ର, ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ଏସ୍.କେ. ମହାରଣା, ଜିଲ୍ଲା ଆ ଳିକ ପରିବହନ ଅଧିକାରୀ ବିରଂଚି ନାରାୟଣ ଅଧିକାରୀ, ଡିପିଏମ୍ ସରିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ଶ୍ରୀଯୁକ୍ତ ପାଢୀ ଭଦ୍ରକ ମେଡିକାଲ ପରିଦର୍ଶନରେ ଯାଇଥିଲେ । ସେଠାରେ ଅ ିଜେନ କୋବିଡ଼ ଟେଷ୍ଟ କେନ୍ଦ୍ର ବୁଲି ଦେଖିବା ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

# ଦୀର୍ଘ ବର୍ଷ ଧରି ପଡି ରହିଥିବା ଘର ଓ ଯାଗାକୁ ଖୁବ୍ ଶିଘ୍ର ବଂଟନ କରିବ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ

ରାଉରକେଲା,୧୦ ସେପ୍ଟେମ୍ବର (ହି.ସ.)- ରାଉରକେଲା ସହରର ଛେଣ୍ଡ କଲୋନୀ ଅଂଚଳରେ ଦିର୍ଘ ଦିନ ହେବ ପଡି ରହିଥିବା ଛୋଟ ଘର ଓ ଯାଗା ଗୁଡିକୁ ରାଉରକେଲା ଡେଭଲପମେଂଟ ଅଥରିଟି (ଉନ୍ନୟନ କର୍ତ୍ତୃପକ୍ଷ) ବଂଟନ କରିବା ଲାଗି ଆରଡିସି ଏକ ମିଟିଂରେ ନିର୍ଦ୍ଦେଶ ଦେବା ପରେ ସେସବୁ ବଂଟନ ଲାଗି ଆରଡିଏ ତରଫରୁ କାମ ଆରମ୍ଭ ହୋଇଥିବା ଖବର ମିଳିଛି । ନିକଟରେ ଜିଲ୍ଲାପାଳ ସୁନ୍ଦରଗଡ ଗଣମାଧ୍ୟମକୁ ଦେଇଥିବା ମନ୍ତବ୍ୟ ଅନୁଶାରେ, ରାଉରକେଲାର ୩ଟି ସ୍ଥାନରେ ପ୍ରଥମେ ୧୦୦୦ ଘର ନିର୍ମାଣ କରିଦେବା ମାମଲାରେ ଆରଡିଏ ପାଖରେ କିଛି ସଠିକ୍ ବ୍ଲୁପ୍ରିଂଟ ନଥିବା ବେଳେ ,ଦିର୍ଘ ଦିନରୁ ପଡି ରହିଥିବା ଘରଗୁଡିକ ଖୁବ ଶିଘ୍ର ବାଂଟିବା ଲାଗି କାମ ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଅନେକ ଦିନ ତଳେ ଏହି ସବୁ ଘର ନିର୍ମାଣ ହୋଇଥିଲା । ତେବେ ଏସବୁ ଘରଗୁଡିକୁ କେହି ନନେବା ଦ୍ୱରା ସେଗୁଡିକ ପଡରହି ଭୂତ କୋଠିରେ ପରିଣତ ହୋଇଥିଲା । ନିକଟରେ ବିଧାୟକ, ଆରଡିସି, ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ନେଇ ହୋଇଥିବା ଏକ ବୈଠକରେ ଏହି ବଂଟନ ଲାଗି ନିଷ୍ପତି ହୋଇଥିବା ଜଣାପଡିଛି । ଏହି ଖବର ପଦାକୁ ଆସିବା ପରେ ଆରଡିସିଙ୍କର ଏଭଳି ନିର୍ଦ୍ଦେଶ ଲାଗି ତାଙ୍କୁ ସହର ବାସୀ ଧନ୍ୟବାଦ ଜଣାଇବା ସହ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ବିଧାୟକଙ୍କ ସମୟ ଉପୋଯୋଗୀ ପଦକ୍ଷେପକୁ ସ୍ୱାଗତ କରାଯାଇଛି । ଏଭଳି ନିଷ୍ପତି ଦ୍ୱାରା କିଛି ଲୋକ ତାଙ୍କର ସ୍ୱପ୍ନର ଘର ପାଇବା ସହ ଆରଡିଏ କିଛି ମାତ୍ରାରେ ଲାଭବାନ୍ ହୋଇପାରିବ । ତେବେ ଜିଲ୍ଲାପାଳ କହିଥିବା ଘର ଗୁଡିକ ନେଇ ସହରର ୩ଟି ସ୍ଥାନରେ ଯାଗା ଦେଖାଯାଇ ତାହାର ପ୍ଲାନ କରାଜିବା ପରେ ବାସ୍ତବ ରୂପରେଖ ପଦାକୁ ଆସିବ ବୋଲି ଜଣେ ଇଂଜିନିୟର କହିଛନ୍ତି । ତେବେ ଖୁବ ଶିଘ୍ର ଅର୍ଥାତ ୨ ମାସ ଭିତରେ ଜିଲ୍ଲାପାଳଙ୍କ ଠାରୁ ଫାଇଲ ଅନୁମୋଦିତ ହୋଇ ଆସିବା ପରେ ଖାଲି ଥିବା ୧୨୦୦ ଓ ୧୫୦୦ ସ୍କୋୟାରଫୁଟ୍ ଯାଗା ଗୁଡ଼ିକୁ ଅକ୍ସନ କରାଜିବାକୁ ଯୋଜନା ହୋଇଥିବା ବେଳେ ୧ଲକ୍ଷ ୮୦ହଜାର ବାର୍ଷିକ ରାଜଗାର ଥିବା ଲୋକଙ୍କୁ ଲଟେରୀ ମାଧ୍ୟମରେ ଖାଲିଥିବା ଛୋଟ ଘରଗୁଡିକୁ ଦିଆଜିବା ଲାଗି ଯୋଜନା ହୋଇଥିବା ଖବର ମିଳିଛି । ଏହି ଯାଗା ଓ ଘର ଗୁଡିକର ମୋଟ୍ ସଂଖ୍ୟା ୧୦୦ ଭିତରେ ବୋଲି ଖବର ମିଳିଛି । ବିଳମ୍ବରେ ହେଉ କିନ୍ତୁ ସ୍ୱାଗତଯୋଗ୍ୟ ପଦକ୍ଷେପ ଆରଡିଏ ନେଉଛି ତାହା ମାନିବାକୁ ପଡିବ, କିନ୍ତୁ ଏହି ବଂଟନ ବେଳେ ଘର ଯାଗା ନଥିବା ଲୋକ ମାନଙ୍କ ସୁଯୋଗ ମିଳିବା ଉପରେ କଡା କଡି ନଜର ଦେବାର ଆବଶ୍ୟକତା ରହିଛି ।କାରଣ ରାଉରକେଲା ସହରରେ ଏଭଳି କିଛି ଲୋକ ରହିଛନ୍ତି ଯେଉଁ ମାନେ ସରକାରଙ୍କ ବିଭିନ୍ନ ସ୍କିମରେ ଯାଗା ଘର ପାଇ ସେଗୁଡିକୁ କଳାବଜାରରେ ବିକି ବେଶ୍ ମୁନାଫା ଉଠାଇବା ସହ ପୁଣି ସେହି ପଇସାକୁ ସରକାରୀ ସ୍ତରରେ ଖର୍ଚ୍ଚ କରି ଏଭଳି ସ୍କିମରେ ଗୋଟାଏ ପରେ ଗୋଟାଏ ଘର ହାତେଇବାରେ ଲାଗିଛନ୍ତି ।ଗୋଟାଏ ପଟେ ଜଣଙ୍କ ପାଖରେ ଦେଖିବାକୁ ଗଲେ ୮ରୁ ଦଶଟି ଯାଗା ଓ ଘର ଅନ୍ୟ ପାଖରେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ । ଏଭଳି ଲୋକଙ୍କ ସଂଖ୍ୟା ରାଉରକେଲା ମହାନଗର ନିଗମ, ଆରଡିଏ ଓ ରାଉରକେଲା ଇସ୍ପାତ କାରଖାନାରୁ ଅବସର ନେଉଥିବା ଡିଜିଏମ ସ୍ତରର ଅଧିକାରଙ୍କ ଭିତରେ ଅନେକ ରହିଛନ୍ତି । ନିକଟ ଅତିତରେ ରାଉରକେଲା ବିଧାୟକ ଯେତେବେଳେ ହାଉସିଂ ବୋର୍ଡର ବିଭାଗର ମନ୍ତ୍ରୀ ଥିଲେ ସେତେବେଳେ ରାଉରକେଲା ଛେଣ୍ଡରେ ୭୯ଟି ପ୍ଲଟ ବାହାରଥିଲା । ଯେଉଁ ମାନେ ସେହି ପ୍ଲଟ ସବୁ ପାଇଛନ୍ତି ସେମାନଙ୍କ ଭିତରୁ ଅନେକଙ୍କର କୋଏଲନଗର, ବାସନ୍ତି କଲୋନୀ, ସିଭିଲଟାଉନରେ ଘର ଓ ପ୍ଲଟ ରହିଛି । ତେଣୁ ସେମାନେ ଆଜିଯାଏ ଏଠାରେ ଘର ତିଆରି କରିବା ପରିବର୍ତ୍ତେ ୧୬୨୦ ସ୍କୋୟାରଫୁଟ ଯାଗାକୁ ସରକାରଙ୍କ ଠାରୁ ୮ ଲକ୍ଷରେ ନେଇ ବର୍ତମାନ ୪୫ ଲକ୍ଷରେ ବିକୁଛନ୍ତି । ଖାଲି ସେତିକି ନୁହେଁ ଜଣେ ଲୋକର ପରିବାର ୩ଟି ପ୍ଲଟ ପାଇଥିବା କଥା ଏବେ ଜଣାପଡିଛି । ତେଣୁ ଏଥିରୁ ଅନୁମାନ କରାଯାଉ କିଭଳି ଭାବେ ଯାଗା ଜମି ମାମଲାରେ କିଛି ଲୋକ ବାରମ୍ବାର ଘର, ଯାଗା ନେଇ ବେପାର କରୁଛନ୍ତି କିନ୍ତୁ ଆମ ବ୍ୟବସ୍ଥା ଏ ଦିଗରେ ପୁରା ଚୁପ୍ । ତେଣୁ ଆଗାମୀ ଦିନରେ ହେବାକୁ ଥିବା ଯାଗା ଜମିର ନିଲାମ ଓ ଲଟେରୀ ପ୍ରକ୍ରୀୟାରେ ଭାଗ ନେବାକୁ ଯାଉଥିବା ଲୋକଙ୍କର କୌଣସି ପ୍ରକାର ଯାଗା ଜମି ନଥିବା ନେଇ ଏକ ଶପଥପାଠ ଦେବା ଲାଗି ନିୟମ କରିବା ସହ ଏଭଳି ବ୍ୟତିକ୍ରମ କରୁଥିବା ଲୋକଙ୍କ ଠାରୁ ଜରିମାନା ଆଦାୟ କରିବାର ବ୍ୟବସ୍ଥା କରିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବୀର ବାଘାଯତୀନଙ୍କ ଶହୀଦ ଦିବସ




ବାଲେଶ୍ୱର,୧୦।୯( ): ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶହୀଦ ବୀର ବାଘାଯତୀନଙ୍କ ୧୦୫ ତମ ବଳିଦାନ ଦିବସ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଆଜି ପାଳିତ ହୋଇଯାଇଛି । ଏହି ଅବସରରେ ବୀର ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବାଲେଶ୍ୱର ନଗର କଂଗ୍ରେସ କମିଟି ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ଆୟୋଜିତ ସ୍ମୃତି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସଂଜୀବ ଗିରି, କୃଷ୍ଣ ଗୋପାଳ ପଣ୍ଡା, ଗୋପୀନାଥ ପାଢ଼ୀ, ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପାରମିତା ମହାନ୍ତି, ନଗର କମିଟି ମହିଳା ସଭାପତି ଜ୍ୟୋସ୍ନା ସେନାପତି, ଛାତ୍ରନେତା ଗୌତମ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଗ୍ର ଜାତୀୟତାବାଦୀ ନେତା ଶହୀଦ ବାଘାଯତୀନ ଓ ତାଙ୍କର ଅନ୍ୟ ୪ ସହଯୋଗୀଙ୍କ ଦେଶପାଇଁ ବ୍ରିଟିଶ ସୈନ୍ୟଙ୍କ ସହ ସମ୍ମୁଖ ଯୁଦ୍ଧ ତଥା ପ୍ରାଣବଳି ସମ୍ପର୍କରେ ମନେ ପକାଇଥିଲେ । ତାଙ୍କର ଏହି ବଳିଦାନ ଦେଶବାସୀଙ୍କ ପାଇଁ ଅବସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ ।

## ଅନାସ୍ଥା ଭୋଟ୍ ରେ ପଦ ହରାଇଲେ ବିଶ୍ୱନାଥପୁର ସରପଚଂ

ଗଞ୍ଜାମ, ୧୦ ସେପ୍ଟେମ୍ବର (ହି.ସ.)- ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକର ବିଶ୍ୱନାଥପୁର ପଚାଂୟତର ସରପଚଂ ଶିବରାମ ସେଠୀ ଅନାସ୍ଥା ପ୍ରସ୍ତାବରେ ନିଜର ପଦ ହରାଇଛନ୍ତି । ଗତ ୭ ତାରିଖରେ ପଚାଂୟତ କାର୍ଯ୍ୟାଳୟରେ ଅନାସ୍ଥା ଭୋଟ୍ ବେଳେ ୧୩ ଜଣ ୱାର୍ଡ଼ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ଉପସ୍ଥିତ ରହି ସରପଚଂଙ୍କ ବିପକ୍ଷରେ ମତଦାନ କରିଥିଲେ । କିଛି ଦିନ ତଳେ ୱାର୍ଡ଼ ସଭ୍ୟ ମାନେ ଅନାସ୍ଥା ଭୋଟ୍ ପାଇଁ। ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ବର୍ତମାନ ନାଏବ ସରପଚଂ ସସ୍ମିତା କୁମାରୀ ନାୟକଙ୍କୁ ଦାୟୀତ୍ୱ ହସ୍ତାନ୍ତର ପାଇଁ ଜିଲ୍ଲାପାଳ ଶିବରାମ ସେଠୀଙ୍କୁ ଚିଠି ନଂ ୧୧୧୫/୨୦ ନିର୍ଦ୍ଦେଶ ଦେଇଛନ୍ତି ।

## ରାପିଡ଼ ଆଂଟିଜେନ ଟେଷ୍ଟରେ ନେଗେଟିଭ ଆସିଥିବା ସମସ୍ତ ଲକ୍ଷଣଯୁକ୍ତ କୋଭିଡ ମାମଲାଗୁଡିକର ବାଧ୍ୟତାମୂଳକ ଭାବେ ଆରଟିପିସିଆର ଟେଷ୍ଟ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକୁ ପରାମର୍ଶ

ନୂଆଦିଲ୍ଲୀ, ୧୦ ସେପଟ୍ଟେମ୍ବର (ହି.ସ.) କେତେକ ବୃହତ ରାଜ୍ୟରେ ଲକ୍ଷଣଯୁକ୍ତ ମାମଲାଗୁଡିକ ରାପିଡ଼ ଆଣ୍ଟିଜେନ ଟେଷ୍ଟରେ ନେଗେଟିଭ ଆସିବା ସତ୍ୱେ ତାହାର ଆରଟିପିସିଆର ପରୀକ୍ଷା ନହେଉଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ନଜରକୁ ଆସିଛି । ଆଇସିଏମଆରର ନିୟମାବଳୀ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିମ୍ନୋକ୍ତ ଦୁଇଟି ଶ୍ରେଣୀର ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଆରଟିପିସିଆର ପରୀକ୍ଷା ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ରହିଛି ।ଜ୍ୱର, କଫ ଓ ନିଶ୍ୱାସ ପ୍ରଶ୍ୱାସ ଜନିତ ଅସୁବିଧା ଥାଇ ରାପିଡ଼ ଆଂଟିଜେନ ଟେଷ୍ଟରେ ନେଗେଟିଭ ବାହାରିବା ଓ ରାପିଡ଼ ଆଣ୍ଟିଜେନ ପରୀକ୍ଷା ଦ୍ୱାରା ଲକ୍ଷଣ ବିହୀନ ନେଗେଟିଭ ମାମଲା ମାତ୍ର ଦୁଇ-ତିନି ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଇ ନେଗେଟିଭ ହୋଇଥିବା ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଆଇସିଏମଆର ମିଳିତ ଭାବେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ପତ୍ର ଲେଖି ରାପିଡ୍ ଆଂଟିଜେନ ଟେଷ୍ଟ ଦ୍ୱାରା ସମସ୍ତ ଲକ୍ଷଣ ଥିବା ସତ୍ୱେ ନେଗେଟିଭ ବାହାରିଥିବା ସମସ୍ତ ବ୍ୟକ୍ତିଙ୍କ ଆରଟିପିସିଆର ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷଣଯୁକ୍ତ ମାମଲାଗୁଡିକ ଯେପରି ବିନା ପରୀକ୍ଷାରେ ରହି ଆଉ କାହାକୁ ସଂକ୍ରମିତ ନକରନ୍ତି ତାହାକୁ ଦୃଷ୍ଟିରେ ରଖି ଏହା କରାଯାଇଛି । ଏହାଫଳରେ ସଅଳ ଚିହ୍ନଟ, ଏକାନ୍ତବାସ ଓ ହସ୍ପିଟାଲରେ ଭର୍ତ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଯେତେବେଳେ ସଂକ୍ରମଣ ଅଧିକରୁ ଅଧିକ ହେଉଥାଏ ତାହାକୁ ଶୀଘ୍ର ଠାବ କରିବା ପାଇଁ ରାପିଡ଼ ଆଣ୍ଟିଜେନ ଟେଷ୍ଟ କରାଯାଉଥିଲେ ମଧ ଆରଟିପିସିଆର ସବୁବେଳେ କୋଭିଡ ପରୀକ୍ଷାର ଶ୍ରେଷ୍ଠ ଉପାୟ ବୋଲି ବିବେଚନା କରାଯାଉଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ ଏସବୁ ମାମଲାଗୁଡିକ ଯାଂଚ କରିବା ପାଇଁ ଉଭୟ ଜିଲ୍ଲା ଓ ରାଜ୍ୟସ୍ତରରେ ନିର୍ଦ୍ଦିଷ୍ଟ ଅଧିକାରୀ ବା ଏକ ଗ୍ରୁପ ଗଠନ କରିବାକୁ ପରାମର୍ଶ ଦେଇଛି । ଏହି ଟିମଗୁଡିକ ପ୍ରତିଦିନ ଜିଲ୍ଲା ଓ ରାଜ୍ୟରେ ହେଉଥିବା ରାପିଡ଼ ଆଂଟିଜେନ ପରୀକ୍ଷାଗୁଡିକର ବିଶ୍ଳେଷଣ କରି ସମସ୍ତ ଲକ୍ଷଣଯୁକ୍ତ ନେଗେଟିଭ ମାମଲାଗୁଡିକର ଆରଟିପିସିଆର ଟେଷ୍ଟ ସୁନିଶ୍ଚିତ କରିବେ । ଯେପରି କୌଣସି ପଜିଟିଭ ମାମଲା ବାଦ ନପଡେ ତାହା ଦେଖିବା ଦାୟିତ୍ୱ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ଉପରେ ନ୍ୟସ୍ତ ହୋଇଛି । ସେମାନଙ୍କୁ ନିୟମିତ ଭାବେ କରାଯାଉଥିବା ଆରଟିପିସିଆର ପରୀକ୍ଷାର ପଜିଟିଭ ମାମଲାଗୁଡିକୁ ବିଶ୍ଳେଷଣ କରିବା ପାଇଁ ମଧ ପରାମର୍ଶ ଦିଆଯାଇଛି ।

# ସାଳନ୍ଦୀ ନଦୀରେ ବୁଡିଯାଇ ଯୁବକର ମୃତ୍ୟୁ

ଭଦ୍ରକ, ୧୦ ସେପ୍ଟେମ୍ବର (ହି.ସ.) - ଆଜି ସାଳନ୍ଦୀ ନଦୀରେ ମାଛ ଧରିବାକୁ ଯାଇ ଜଣେ ଯୁବକର ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇଦେଇଛି । ଏଠାରେ ସୂଚନାଯୋଗ୍ୟ ଉପର ମୁଣ୍ଡରେ ବର୍ଷା ହେବା ଯୋଗୁଁ ହଦଗଡ ଡ୍ୟାମ ପାଣି ଛାଡିଛି । ଫଳରେ ସାଳନ୍ଦୀ ନଦୀରେ ମାତ୍ରାଧିକ ଜଳ ପ୍ରବେଶ କରିବା ଫଳରେ ନଦୀରେ ଅଧିକ ସ୍ରୋତ ଦେଖାଦେଇଛି । ତେବେ ଭଦ୍ରକ ପୌରା ଳର ୩୦ ନଂ ୱାର୍ଡର ଜଲାଲୁଦ୍ଦିନ୍ ଖାଁ ନାମକ ଜଣେ ୩୫ ବର୍ଷୀୟ ଯୁବକ ସଇଦାବାଦ ଗାଁ ପାଖ ସାଳନ୍ଦୀ ନଦୀ ଏସ୍‌କେପ୍‌ରେ ମାଛ ଧରୁଥିବାବେଳେ ନଦୀସ୍ରୋତରେ ଭାସିଯାଇଥିଲେ । ପରବର୍ତୀ ସମୟରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ପୁରୁଣାବଜାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ପୂର୍ବତନ ବିଧାୟକ ରବି ନାଏକଙ୍କ ପିତୃ ବିୟୋଗରେ ବିଜେପିର ଶୋକ

ଭୁବନେଶ୍ୱର,୧୦ ସେପ୍ଟେମ୍ବର – କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପିର ସାଧାରଣ ସଂପାଦକ ଶ୍ରୀ ରବି ନାଏକଙ୍କ ପିତା ଶ୍ରୀ ଦାଶରଥୀ ନାଏକଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ଆଜି ପ୍ରାତଃ ସମୟରେ ୮୧ ବର୍ଷୀୟ ଶ୍ରୀ ନାଏକ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ନିଜ ପୈତୃକ ଗ୍ରାମ ଖଣ୍ଡକୋଟାଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଚାଷୀକୁଳରେ ଜନ୍ମଗ୍ରହଣ କରିଥିବା ମିଷ୍ଟଭାଷୀ ଓ ନମ୍ର ସ୍ୱଭାବର ସ୍ୱର୍ଗତଃ ନାଏକ ଜଣେ ସୁପରିଚିତ ପାଲା ଗାୟକ ଭାବେ ସେ ଅଂଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସ୍ୱର୍ଗତଃ ନାଏକ ତାଙ୍କ ଗୃହିଣୀ ଧର୍ମପତ୍ନୀ ଶ୍ରୀମତୀ ଶୁଭ ନାଏକ, ବଡ ପୁଅ ମହେନ୍ଦ୍ର ନାଏକ, ମଝିଆ ପୁଅ ରବି ନାଏକ, ସାନ ପୁଅ ଗିରିନ୍ଦ୍ର ନାଏକ, ୩ ବୋହୁ ଏବଂ ନାତିନାତୁଣୀଙ୍କୁ ଛାଡି ଇହଧାମ ତ୍ୟାଗ କରିଛନ୍ତି । ସ୍ୱର୍ଗତଃ ନାଏକଙ୍କ ନିଧନରେ ଦୁଃଖ ପ୍ରକାଶ କରି ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ଶୋକସନ୍ତପ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ପାର୍ଟୀର ଅନ୍ୟାନ୍ୟ ନେତୃବୃନ୍ଦମାନେ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଭି.ଏସ.ଏସ ନଗରରେ କରୋନା ସମୟରେ ଷଷ୍ଠ ରକ୍ତଦାନ ଶିବିର

ଭୁବନେଶ୍ୱର, ୧୦ ସେପ୍ଟେମ୍ବର (ହି.ସ.) – କରୋନା ସମୟରେ ରକ୍ତଦାନ ଶିବିର କମି ଯାଇଥିବାରୁ ଥାଲାସେମିଆ ପିଲାମାନଙ୍କ ସହିତ ରକ୍ତ ଗ୍ରହୀତା ମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହି ସମୟରେ ବୀର ସୁରେନ୍ଦ୍ର ସାଏ ନଗରରେ ମାର୍ଚ୍ଚ ମାସରୁ ଆଜି ପର୍ଯ୍ୟନ୍ତ ୬ଟି ରକ୍ତଦାନ ଶିବିର ଆୟୋଜିତ ହୋଇ ରକ୍ତ ଗ୍ରହୀତା ମାନଙ୍କୁ ସହାୟତାର ହାତ ବଢ଼ାଇଛି । ଦୁର୍ଗାପୂଜା ମଣ୍ଡପରେ ଆଜି ଅନୁଷ୍ଠିତ ଷଷ୍ଠ ରକ୍ତଦାନ ଶିବିର ପୋଲିସ୍ ରେଡ଼କ୍ରସ୍ ଓ ଦୁର୍ଗାପୂଜା ସମିତି ପକ୍ଷରୁ ଆୟୋଜିତ ହୋଇଥିଲା । ସାର୍ବଜନୀନ ଦୁର୍ଗାପୂଜା ସମିତି ଭି.ଏସ୍.ଏସ୍ ନଗରରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ମୋଟ ୫୭ ୟୁନିଟ୍ ରକ୍ତଦାନ କରାଯାଇଥିବା ବେଳେ ଏହି ଶିବିରକୁ ପୋଲିସ୍ କମିଶନରେଟ୍ ରେଡ଼କ୍ରସର କାର୍ଯ୍ୟ ନିର୍ବାହୀ ସମିତି ସଦସ୍ୟ ତଥା ଭି.ଏସ୍.ଏସ୍. ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଓ ଦୁର୍ଗାପୂଜା ସମିତିର ଯୁବ ସଦସ୍ୟ ସଂଜୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଏହି ଶିବିରକୁ ପୋଲିସ୍ କମିଶନରେଟ୍ ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ.ସି.ପି. ଲଳିତେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ । ଶିବିରରେ ଦୁର୍ଗାପୂଜା ସମିତିର ସଭାପତି ଆର୍ତତ୍ରାଣ ଦଳାଇ, ଉପସଭାପତି ନିମାଇଁ ଚରଣ ଦାସ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ପ୍ରତାପ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ମହେଶ୍ୱର ବିଶ୍ୱାଳ, ଅଜୟ କାନୁନ୍‌ଗୋ, ରାମଚନ୍ଦ୍ର ସାମଲ, ନଳୀନି କୁମାର ମହାନ୍ତି, ମନୋଜ ସାହୁ, ସୁରେନ୍ଦ୍ର ମଲ୍ଲିକ୍, ନିତ୍ୟ ରଂଜନ ନନ୍ଦ ଓ ସୌମ୍ୟରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିବା ବେଳେ ପୂର୍ବତନ କର୍ପୋରେଟର ରଶ୍ମିତା ମହାନ୍ତି, ଅଜୟ ଜେନା, ପ୍ରକାଶ ତ୍ରିପାଠୀ, ପୁରଞ୍ଜନ ପାଠୀ, ପ୍ରଭାସିନୀ ମହାନ୍ତି, ବରୁଣ ସାହୁ ଓ ସୁସମ୍ବିତ୍ ସ୍ୱାଇଁ ଆଦି ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ସଂଜୟ କୁମାର ସ୍ୱାଇଁ ଓ ନଳିନୀ କୁମାର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।

# ରାଣିମୁଣ୍ଡାରେ କିଡନୀ ରୋଗ ଆତଙ୍କ, ମଲେଣି ୨୦ ଜଣ

ନୂଆପଡା, ୧୦ ସେପ୍ଟେମ୍ବର (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମରେ କିଡନୀ ରୋଗ ବ୍ୟାପିଥିବା ବେଳେ ଗତ ୩ ବର୍ଷ ମଧ୍ୟରେ ୧୭ ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି । ଗ୍ରାମର ରାଜେନ୍ଦ୍ର ସଗରିଆ(୪୫), ପିତବାସ ନାଗ(୫୦), ନିଳାମ୍ବର ନିଆଲ(୩୦), ସାଏବୁ ବାଗ(୪୫), ଘୁନୁ ଅବର(୪୫), ତୁଲସେ ହିଆଲ(୪୭), ଶ୍ୱେତ ମାଝି(୩୨), ପବିତ୍ର ହାତୀ(୩୫), କିଶୋର କଟା(୨୫), କାଳିଆ ହେର୍ଣ୍ଣା(୫୫), କନ୍ଦର୍ପ ହେର୍ଣ୍ଣା(୫୪), ନବ ହେର୍ଣ୍ଣା(୩୨), ପୁଷ୍ପାଞ୍ଜଳି ହେର୍ଣ୍ଣା(୨୫), ପ୍ରିୟଙ୍କା ସୁନାନୀ(୨୦)ଙ୍କ ସହ ଅନ୍ୟ ୬ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଛନ୍ତି । ଠିକ ସେହିପରି ଗ୍ରାମର ୧୦ରୁ ଉର୍ଦ୍ଧ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏହି ବ୍ୟକ୍ତି ମାନେ ଗରିବ ଶ୍ରେଣୀର ହୋଇଥିବା ବେଳେ ଜମିବାଡି ବିକ୍ରୟ କରି ଚିକିତ୍ସିତ ହେଉଛନ୍ତି । ସରକାରୀ ସାହାର୍ଯ୍ୟ ପାଇଁ ଆବେଦନ କଲେ ମଧ୍ୟ ସାହାର୍ଯ୍ୟ ମିଳିପାରୁ ନାହିଁ । ବିପର୍ଯ୍ୟସ୍ତ ପରିମଳ ଏବଂ ଫ୍ଲୋରାଇଡ ଯୁକ୍ତ ପାନୀୟ ଜଳ ପାନ କରି ଏହି ରୋଗ ବ୍ୟାପୁ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଗ୍ରାମକୁ ଏକ ଡାକ୍ତରୀଦଳ ପଠାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

# ଆଶାକର୍ମୀ ଗର୍ଭଧାରିଣୀ ଜନନୀର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତି : କିନ୍ତୁ ମାସିକ ବେତନ ମାତ୍ର ୩୦୦୦ ଟଙ୍କା

ରାୟଗଡ଼ା,୧୧।୯ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଝିମିଡି ପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାୟଗଡ଼ା ଜିଲ୍ଲାର ଆଶା ସାଥୀମାନେ ଭାରତୀୟ ମଜଦୂର ସଙ୍ଘ ସହଯୋଗରେ ରାୟଗଡ଼ା ତଥା ରାଜ୍ୟ ସମ୍ପାଦକ ଶ୍ରୀ ଯୋଗେଶ୍ୱର ଦତ୍ତଙ୍କ ନେତୃତ୍ୱରେରେ ଏକ ଦାବୀ ପତ୍ର ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ପରିଚାଳିକାଙ୍କୁ ପ୍ରଦାନ କରିଛନ୍ତି । ରାଜ୍ୟସରକାର ଆଶାକର୍ମୀଙ୍କ ଆଶାକୁ ଏକ ସ୍ୱପ୍ନରୂପେ ପ୍ରତିପାଦନ କରିଛନ୍ତି । ଏହି ଆଶାକର୍ମୀ ସ୍ୱାସ୍ଥ୍ୟ ବିଭାଗର ମୂଳ କହିଲେ କିଛି ଭୁଲହେବନି। ସାଧାରଣତଃ ଆପତ୍ତି କାଳ ରେ ଗାଁ ଗହଳି ଓ ଦୁର୍ଗମ ଅଂଚଳରେ ନା ସ୍ୱାସ୍ଥ୍ୟ ବିଭାଗର କର୍ମୀ, ନା ଡାକ୍ତର ପହଞ୍ଚି ପାରୁଛନ୍ତି ସେହି ସମୟରେ ଏହି ଆଶା ଓ ଅଙ୍ଗନବାଡ଼ି ଦିଦି ହିଁ ସେଠାରେ ଦେବଦୂତ ହୋଇ ସେବା କରନ୍ତି । ସେମାନେ ମହିଳାଙ୍କ ପ୍ରସବଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା ନିରୀହ ପଛୁଆ ଜନବାଦୀଙ୍କ ନିକଟରେ ପହଞ୍ଚାଇବାରେ ମୁଖ୍ୟଭୂମିକା ଗ୍ରହଣ କରିଥାନ୍ତି । କିନ୍ତୁ ଏମାନେ ଆଜି ଅବହେଳିତ, ରାଜ୍ୟ ସରକାର ଏମାନଙ୍କ ଦୁଃଖ କଷ୍ଟକୁ ବୁଝିବାରେ ଅକ୍ଷମ। ଆଜି ଗାଁଗାଁ ଓ ପୁରପଲ୍ଲୀ, ଡଙ୍ଗର ପାହାଡ଼ ଚଢ଼ି ସ୍ୱାସ୍ଥ୍ୟଜନିତ ସଚେତନତା ଆବଶ୍ୟକସ୍ଥଳେ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଏହି ଆଶା ଓ ଅଙ୍ଗନ ବାଡ଼ି କର୍ମଚାରୀମାନେ ମୁଖ୍ୟ ଭୂମିକା ନିଭାଇ ଥାନ୍ତି । କିନ୍ତୁ ଆଜି ସେମାନେ ଅବହେଳିତ , ସରକାରୀ ଯୋଜନା ପାଇବାରୁ ବଞ୍ଚିତ । ସାରା ଭାରତ ବର୍ଷରେ ୪୧ ହଜାର ୪୦୫ ଜଣ ଆଶାସାଥି କାର୍ଯ୍ୟରତ ଅଛନ୍ତି। ଓଡିଶାର ୨୩ ଗୋଟି ଜିଲାରେ ୭୧୭ ଆଶାସାଥି କାର୍ଯ୍ୟରତ ଅଛନ୍ତି। ଦେଶର ଅନ୍ୟ ରାଜ୍ୟରେ ଆଶା ସାଥୀଙ୍କୁ ୬୦୦୦ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାରମାନେ ୬୦୦୦ ସହିତ ୧୫୦୦ ଟଙ୍କା ପ୍ରଦାନ କରୁଛନ୍ତି, କିନ୍ତୁ ଓଡିଶା ରାଜ୍ୟସରକାର ମାତ୍ର ୩୦୦୦ ଟଙ୍କା ବେତନଦେଇ ଗୋଡ଼ ଉପରେ ଗୋଡ଼ ପକାଇ ବସିଛନ୍ତି। ଓଡିଶା ରାଜ୍ୟ ସରକାର ଏହି ଆଶା ସାଥୀଙ୍କପ୍ରତି ଅନ୍ୟାୟ କରି ଚାଲିଛନ୍ତି । ବହୁ ବାର ଏହି ଆଶାସାଥି ରାଜ୍ୟ ସରକାରଙ୍କୁ ନିଜର ଦାବି ଉପସ୍ଥାପନ କରି ଆସୁଛନ୍ତି କିନ୍ତୁ ଶୁଣିବା ପାଇଁ କାହାପାଖରେ ସମୟନାହିଁ। ଆଜି ଏହି ଆଶାସାଥି ଓ ଅଙ୍ଗନ ବାଡ଼ିଦିଦି ଓ ଏ.ଏନ.ଏମ ଏହିତିନି ଜଣଙ୍କ ଭୂମିକା ରାଜ୍ୟ ବାସୀଙ୍କ ପାଇଁ ଏକ ମୁଖ୍ୟଭୂମିକା। ମହିଳାମାନେ ଗର୍ଭ ଧାରଣଠୁ ଆରମ୍ଭ କରି ପ୍ରସବ, ଟୀକା, ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିକର ଖାଦ୍ୟବଣ୍ଟନ ଏପରି କି ସେମାନଙ୍କ ବାଲ୍ୟତ ଅବସ୍ଥାରେ ଶିକ୍ଷା ଦାନପରି ଅନେକ କାର୍ଯ୍ୟ କରିଥାନ୍ତି। କିନ୍ତୁ ଆଜି ଏହି ଆଶାସାଥି ଓ ଅଙ୍ଗନ ବାଡ଼ି ଦିଦି ଅସହାୟ, ସ୍ୱଳ୍ପ ଦରମାରେ ନିଜ ଜୀବନ ଜୀବିକା ଚଲାଇବା କଷ୍ଟସାଧ ହୋଇପଡିଛି, ସେମାନଙ୍କ କାର୍ଯ୍ୟ ତୁଳନରେ ଏ.ଏନ.ଏମ୍. ଦିଦିର କାର୍ଯ୍ୟ ବହୁତକମ କିନ୍ତୁ ସେ ସରକାରଙ୍କ ଦ୍ୱାରା ନିଯୁକ୍ତି ଓ ମୋଟା ଅଙ୍କର ଦରମାପାଇ ବେଶ୍ ଆରାମରେ ଜୀବନ କାଟୁଛନ୍ତି। ଯଦି ଏହି ତିନିଜଣ ଯଥା ଆଶାସାଥି, ଅଙ୍ଗନବାଡ଼ି ଓ ଏଏନଏମ୍‌ଙ୍କ କାର୍ଯ୍ୟ ସମସ୍ତ ସମସ୍ତଙ୍କ ସହ ପରିପୁରକ ତେବେ ଏହି ଆଶା ସାଥି ଓ ଅଙ୍ଗନ ବଡ଼ି କାହିଁକି ଏ.ଏନ.ଏମ୍.ମାନଙ୍କ ସମସ୍କନ୍ଦ ଦରମା ପାଇବେ ନାହିଁ, ଓ ରାଜ୍ୟ ସରକାର ଏହି ମାନଙ୍କ କାର୍ଯ୍ୟ ଓ ପରିଶ୍ରମର ଫଳ ପୂର୍ଣମାତ୍ରାରେ କାହିଁକି ପ୍ରଦାନ କରୁନାହାନ୍ତି । ତେଣୁ ଆଜି ରାୟଗଡା ଜିଲ୍ଲା ଆଶାସାଥିମାନେ ଭାରତୀୟ ମଜଦୂର ସଙ୍ଘ ସହଯୋଗରେ ରାୟଗଡା ତଥା ରାଜ୍ୟସମ୍ପାଦକ ଶ୍ରୀ ଯୋଗେଶ୍ୱର ଦତଙ୍କ ସହ ରାୟଗଡା ନିକଟସ୍ଥ ଝିମିଡି ପେଣ୍ଠ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ପରିଚାଳିକାଙ୍କୁ ଏକ ଦାବିପତ୍ର ପ୍ରଦାନକରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାଜ୍ୟରେ ୬୦୦...

ଜଣେ ୮୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ପୁରୀ ଜିଲ୍ଲାର ଜଣେ ୪୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

### ଖାଦ୍ୟ ଯୋଗାଣ ମନ୍ତ୍ରୀ ...

ଶ୍ରୀକାନ୍ତ ସାହୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ ରାଉତ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ବରୀ ବିଧାୟିକା ସୁନନ୍ଦା ଦାସ ସଂକ୍ରମିତ ହୋଇଛନ୍ତି। ସେହିପରି ବରଗଡ଼ ସାଂସଦ ସୁରେଶ ପୂଜାରୀ ଓ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମଧ କରୋନା ସଂକ୍ରମିତ ହୋଇଥିଲେ। ଏହା ପୂର୍ବରୁ ରାଜ୍ୟର ପ୍ରଥମ ମନ୍ତ୍ରୀ ଭାବେ ସୁଶାନ୍ତ ସିଂ ମଧ କରୋନା ସଂକ୍ରମିତ ହୋଇଥିଲେ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଗତକାଲି ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ କରୋନା ସଂକ୍ରମିତ ହୋଇଥିବା ସୂଚନା ଦେଇଥିଲେ।

### ବାଲେଶ୍ୱରରେ...

ବେଳେ ବାଲେଶ୍ୱରରେ ୦.୩% ରହିଛି। ଏଥିପାଇଁ ମୁଖ୍ୟ ଶାସନ ସଚିବ ଡାକ୍ତର ,ସ୍ୱାସ୍ଥ୍ୟ କର୍ମୀ , ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି। ଜିଲ୍ଲାରେ ରାତିରେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବୋକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କରୋନା ଟେଷ୍ଟ କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ ରିପୋର୍ଟ ସମ୍ପର୍କରେ ପଜିଟିଭ୍ ବା ନେଗେଟିଭ୍ ଟେଲିଫୋନ୍ ମାଧ୍ୟମରେ ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କରୋନା ଗାଇଡ୍ ଲାଇନ୍ କୁ କଡାକଡି ପାଳନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

### ୨୪ ଘଂଟାରେ ...

ଜିଲ୍ଲାରୁ ୩୭ ଜଣ, ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲ୍ଲାରୁ ୩୩-୩୩ ଜଣ, କନ୍ଧମାଳ ଜିଲ୍ଲାରୁ ୩୨ ଜଣ, ବୌଦ୍ଧ ଜିଲ୍ଲାରୁ ୩୧ ଜଣ, ଦେବଗଡ଼ ଜିଲ୍ଲାରୁ ୨୬ ଜଣ, ମାଲକାନଗିରି ଜିଲ୍ଲାରୁ ୨୪ ଜଣ ଓ ଗଜପତି ଜିଲ୍ଲାରୁ ୨୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ୪ ମାସ ହେଲା ଆଣ୍ଠୁଏ ପାଣିରେ ପଶି ଘରକୁ ଯାଉଛନ୍ତି ଗ୍ରାମବାସୀ

କେନ୍ଦ୍ରାପଡା,୧୧।୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡର ଗୋଛାୟତ ସାହି ଓ ମାଝିସାହି ବାସିନ୍ଦା ମାନେ ନିଜ ଘରକୁ ଯିବା ପାଇଁ ଆଣ୍ଠୁଏ ପାଣିରେ ଯାତାୟତ କରୁଥିବା ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ବସ୍ତି ମୁଖ୍ୟ ରାସ୍ତାରୁ ଆରମ୍ଭ କରି ଏହି ସାହିକୁ ୨ ଫୁଟ ଉଚ୍ଚର ପାଣି ଜମି ରହୁଥିବାରୁ ଗ୍ରାମବାସୀ ମାନେ ବିଷାକ୍ତ ପରିବେଶ ଓ ଦୂଷିତ ଜଳରେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ପାଣି ନିଷ୍କାସନ ପଥକୁ ପାଖ ବସ୍ତିର ଲୋକମାନେ ଅବରୋଧ କରି ମାଟି ପକାଇ କଚା ପାଇଖାନା କରିଥିବାରୁ ଅଳିଆ ଆବର୍ଜନା ଓ ଜଳ ନିଷ୍କାସିତ ହୋଇ ନପାରି ଗାଁ ରାସ୍ତାରେ ପଚୁ ଥିବାରୁ ପରିବେଶ ଅତ୍ୟନ୍ତ ଦୂଷିତ ହୋଇ ଯାଇଛି । କେତେକ ଗ୍ରାମବାସୀଙ୍କ ଗୋଡରେ ଘା ହେବା ସହ ବିଭିନ୍ନ ସଂକ୍ରମଣ ରୋଗ ବ୍ୟାପୁଛି । ଏନେଇ ଗ୍ରାମବାସୀ ମାନେ ତହସିଲଦାର ଓ ପୌରକାର୍ଯ୍ୟାଳୟ ରେ ଅଭିଯୋଗ କଲେ ମଧ ଦୀର୍ଘ ୫ ମାସ ହେଲା କେହି ଆପତି ଶୁଣୁ ନାହାନ୍ତି । ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ନିରଞ୍ଜନ ମାଝି, ରାମଚନ୍ଦ୍ର ଗୋଛାୟତ, ରତ୍ନାକର ମାଝି, ନାରାୟଣ ଗୋଛାୟତ, ନିର୍ମଳ ଗୋଛାୟତ, ଗୋକୁଳ ଗୋଛାୟତ ଓ କାଙ୍ଗାଳି ମାଝି ପ୍ରମୁଖ ବହୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଏହାର ପ୍ରତିକାର ଦାବି କରିଛନ୍ତି ।

# ଡ. ସୂର୍ଯ୍ୟନାରାୟଣ ପାତ୍ର ହେଲେ 'ବିଶ୍ୱ ଓଡ଼ିଶା'ର ସଭାପତି

ଭୁବନେଶ୍ୱର,୧୧।୯ (ନି.ପ୍ର): ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର 'ବିଶ୍ୱ ଓଡ଼ିଶା'ର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟ, କଳାସଂସ୍କୃତି, ବେଶଭୂଷା, ଖାଦ୍ୟ ପାନୀୟ, ଶିଳ୍ପ ଭାସ୍କର୍ଯ୍ୟ, ପ୍ରଥା ପରମ୍ପରା ସର୍ବୋପରି ଓଡ଼ିଆ ଅସ୍ମିତା-ଜାତୀୟତାର ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର ଲକ୍ଷ୍ୟରେ ପ୍ରତିଷ୍ଠିତ 'ବିଶ୍ୱ ଓଡ଼ିଶା'ର ନେତୃତ୍ୱ ନେବାପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ଡ. ପାତ୍ର । ବିଧାନସଭା ପରିସରରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଏକ ଔପଚାରିକ ବୈଠକରେ 'ବିଶ୍ୱ ଓଡ଼ିଶା'ର ମୁଖ୍ୟ ସଂଯୋଜକ ଆଡ୍‌ଭୋକେଟ ମନୋରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କବି ବାହାଦୂର ପାଟସାହାଣୀ, ପରିଚାଳନା ନ୍ୟାସୀ ତଥା ସାଧାରଣ ସମ୍ପାଦକ ମନୋଜ ମନ୍ନୟଙ୍କ ସମେତ ଅନ୍ୟାନ୍ୟ ନ୍ୟାସୀ ଏଥି ନିମନ୍ତେ ଡ. ପାତ୍ରଙ୍କୁ ଅଭିନନ୍ଦନ ଜଣାଇ ତାଙ୍କୁ 'ବିଶ୍ୱ ଓଡ଼ିଶା'ର ସମ୍ବିଧାନ ଓ ଅନ୍ୟାନ୍ୟ କାର୍ଯ୍ୟ ବିବରଣୀ ଆଦି ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଦୂରସଂଚାରୀ ବୈଠକରେ 'ବିଶ୍ୱ ଓଡ଼ିଶା'ର ଉପଦେଷ୍ଟା ଭାବରେ ପୂର୍ବତନ ରାଷ୍ଟ୍ରଦୂତ ଡ. ଲଳିତ ମାନସିଂହ, ଅବସର ବେଉରିଆ, ପୂର୍ବତନ ସଭାପତି ତଥା ଜର୍ମାନୀ ପ୍ରବାସୀ ଓଡ଼ିଆ ଡ. ରାଜେନ୍ଦ୍ର ନାରାୟଣ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଗୋକୁଳାନନ୍ଦ ଦାସ ଏବଂ ମୁଖ୍ୟ ଆଇନ୍ ପରାମର୍ଶଦାତା ଭାବରେ ସୁପ୍ରିମ୍‌କୋର୍ଟ ଆଡ୍‌ଭୋକେଟ୍ ସଞ୍ଜୀବ କୁମାର ମହାନ୍ତିଙ୍କୁ ଗ୍ରହଣ କରାଗଲା। ସେହିପରି ମୁଖ୍ୟ ସଂଯୋଜକ ଭାବରେ ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ, ମହାସଚିବ ଭାବରେ ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, କାର୍ଯ୍ୟକାରୀ ସଭାପତି ଭାବରେ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାହାଦୂର ପାଟସାହାଣୀ, ଉପସଭାପତି ଭାବରେ ପ୍ରଫେସର ତାରାପ୍ରସନ୍ନ ଶତପଥୀ, ଦିଲୀପ ରାୟ, ଡ. ଦ୍ୱୀପାୟନ ପଟ୍ଟନାୟକ, ସମନ୍ୱୟ ସମ୍ପାଦକ ଭାବରେ ଅଧ୍ୟାପିକା ମୀରା ବେଉରା, ସରୋଜ ଶଥପଥୀ, କୋଷାଧ୍ୟକ୍ଷା ତଥା ମହିଳା ପରିଷଦ ସଂଯୋଜିକା ଭାବରେ ରଶ୍ମିତା ରାଉତ ନିର୍ବାଚିତ ହେଲେ।

'ବିଶ୍ୱ ଓଡ଼ିଶା'ର ଯୁବ ପରିଷଦ ସଂଯୋଜକ ଡ. ଦିବ୍ୟଶକ୍ତି ସାମନ୍ତରାୟ, କୃଷିପରିଷଦ ସଭାପତି ପଞ୍ଚାନନ ଗୌଡ଼, ପରିବେଶ ପରିଷଦ ସଭାପତି ପ୍ରଦୀପ କୁମାର ମହାନନ୍ଦିଆ, ସାହିତ୍ୟ ପରିଷଦ ସଭାପତି ଡ. ପ୍ରତିଭା ମହାରଥୀ, ଶିକ୍ଷା ପରିଷଦ ସଭାପତି ଡ. ସୁରୁବାବୁ ମେହେର, ଝାଡ଼ଖଣ୍ଡ ରାଜ୍ୟ ପରିଷଦ ଉପଦେଷ୍ଟା ବିଷ୍ଣୁପଦ ସିଂହଦେଓ, ଆବାହିକା ଡ. ତନୁଶ୍ରୀ ପତ୍ରୀ, ପଶ୍ଚିମବଙ୍ଗ ରାଜ୍ୟପରିଷଦ ସଭାପତି କୃତିବାସ ମହାପାତ୍ର, ଆନ୍ଧ୍ରପ୍ରଦେଶ ରାଜ୍ୟପରିଷଦ ଆବାହକ ସତ୍ୟନାରାୟଣ ପାଢ଼ୀ, ଗୁଜରାଟ ରାଜ୍ୟପରିଷଦ ଆବାହକ ଡ. ଅସିତ ରଞ୍ଜନ ସାହୁ, ତାମିଲନାଡୁ ରାଜ୍ୟ ପରିଷଦ ଆବାହକ ଅଶୋକ ସାମନ୍ତ, ନେପାଳ ମୈତ୍ରୀ ପରିଷଦ ଆବାହକ ଶଶିକାନ୍ତ ସେଠୀ ଏବଂ 'ବିଶ୍ୱ ଓଡ଼ିଶା ଆନ୍ତର୍ଜାତିକ ପରିଷଦ' ଆବାହକ ଡ. ଅରୁଣ କୁମାର ପ୍ରହରାଜଙ୍କୁ କାର୍ଯ୍ୟଭାର ଅର୍ପଣ କରାଗଲା ବୋଲି ସାଧାରଣ ସମ୍ପାଦକ ମନୋଜ ମନ୍ନୟ ଜଣାଇଛନ୍ତି ।

# କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ଓ ସୁପରିଚାଳନ ନିମନ୍ତେ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୧।୯ (ନି.ପ୍ର): ରାଜ୍ୟରେ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ଏବଂ ଏହାର ସୁପରିଚାଳନା କରବା ଲକ୍ଷ୍ୟରେ ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ଓ ଓଡ଼ିଶା ସରକାରଙ୍କ ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଆଜି କୃଷିଭବନଠାରେ କୃଷି ଓ କୃଷକ ସଶକ୍ତିକରର ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ପକ୍ଷରୁ ଏହାର ଭୁବନେଶ୍ୱରସ୍ଥିତ ଆଂଚଳିକ ନିର୍ଦ୍ଦେଶକ ଶାର୍ଦ୍ଦୁଳ ଯାଦବଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ପକ୍ଷରୁ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ରାଜ୍ୟରେ ଗଠନ କରିବା ସହିତ ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର କୃଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ କ୍ଷେତ୍ରର ସମସ୍ୟା ଯଥା ଉତ୍ପାଦନ, ବୈଷୟିକ ଜ୍ଞାନକୌଶଳ, ଉତ୍ପାଦିତ ଦ୍ରବ୍ୟର ଗୁଣାତ୍ମକ ମାନ, କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ, ଋଣ ଗ୍ରହଣ, ବିହନ ଉତ୍ପାଦନ, ପ୍ରକ୍ରିୟାକରଣ, ବିନିଯୋଗ ଓ ସର୍ବୋପରି ବଜାର ସୃଷ୍ଟି କରିବା ଉପରେ ପ୍ରଶିକ୍ଷଣ ସହ ଉପଯୁକ୍ତ ପରାମର୍ଶ ପ୍ରଦାନ କରାଯିବ । ସୂଚନାଯୋଗ୍ୟ ଯେ, ଏଭଳି ଏକ କେନ୍ଦ୍ରୀୟ ଯୋଜନା ରାଜ୍ୟର କୃଷକମାନଙ୍କ ହିତରେ ବିନିଯୋଗ ହେବାକୁ ଯାଉଛି ଏବଂ କୃଷକ ଉତ୍ପାଦକ ଗୋଷ୍ଠୀ ଗୁଡ଼ିକ ସମବାୟ ଆଇନ ଦ୍ୱାରା ପରିଚାଳିତ ହେବାର ବ୍ୟବସ୍ଥା ରହିଛି । ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ, ନୂଆଦିଲ୍ଲୀର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ଏବଂ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗଙ୍କ ଉଦ୍ୟମ କ୍ରମେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି ।

# କରୋନା ଯୁଦ୍ଧରେ ସହିଦ ହୋଇଛନ୍ତି ମୁନିଗୁଡା ଥାନାଧିକାରୀ, ଶ୍ରଦ୍ଧାଳି ଜଣାଇଲେ ମୁନିଗୁଡା ସାମ୍ବାଦିକ ମଞ୍ଚ

ଗୁଣୁପୁର ,୧୧।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ସଦର ଥାନାର ଥାନାଧିକାରୀ ଗତକାଲି ସନ୍ଧ୍ୟାରେ କରୋନା ଯୁଦ୍ଧରେ ଲଢ଼ିଲଢ଼ି ଶେଷରେ ଟଳି ପଡିଥିଲେ । କିନ୍ତୁ ତାଙ୍କ ସଂଗ୍ରାମ ଥିଲା ଅବିସ୍ମରଣୀୟ। ଗତ ମାର୍ଚ୍ଚ ମାସରୁ ଗତକାଲି ପର୍ଯ୍ୟନ୍ତ କରୋନା ବିରୁଦ୍ଧରେ ତାଙ୍କ ସଂଗ୍ରାମ ଅନବରତ ଚାଲିଥିଲା। ହେଲେ ଗତକାଲି ଅପରାହ୍ନରେ ନିରବୀ ଯାଇଥିଲା ତାଙ୍କ ଶରୀର। ଏହି ମହାନ ଯୋଦ୍ଧ ଥିଲେ ମୁନିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ଦେହୁରୀ। ଆଜିକୁ ଏକ ସପ୍ତାହ ପୂର୍ବରୁ ସେ କରୋନାରେ ଆକ୍ରାନ୍ତ ହୋଇ ପ୍ରଥମେ ମୁନିଗୁଡା, ଜେକେପୁର ଓ ପରେ ବ୍ରହ୍ମପୁରସ୍ଥ ଏକ ଘରୋଇ ଚିକିତ୍ସାଳୟ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା କୋରାପୁଟ ଏସପିଙ୍କଠାରୁ ଖବର ସ୍ପଷ୍ଟ ହେବାପରେ ମୁନିଗୁଡ଼ାରେ ଶୋକର ଛାୟା ଖେଳିଯାଇଛି। ଆଜି ମୁନିଗୁଡା ଜନସାଧାରଣଙ୍କ ତରଫରୁ ସ୍ୱେଚ୍ଛାକୃତ ଭାବେ ସର୍ବତ୍ର ବ୍ୟବସାୟ ପ୍ରତିଷ୍ଠାନ, ଯାନବାହାନ, କାର୍ଯ୍ୟାଳୟ ସବୁ ବନ୍ଦ ପାଳନ କରାଯାଇ ସ୍ୱର୍ଗତ ଦେହୁରୀଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ମୁନିଗୁଡାର ସାମ୍ବାଦିକ ମଞ୍ଚ ତରଫରୁ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ପାର୍ଥନା କରାଯିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା।ଏଥିସହ ମୁନିଗୁଡା ତହସିଲଦାର ଦେବାଶିଷ ଗୌଡ଼, ବିଡ଼ିଓ ଦିଲୀପ କୁମାର ବେହେରା, ମୁନିଗୁଡା ବିକାଶ ପରିଷଦ, ନାଗରିକ ମଞ୍ଚ, ସାମ୍ବାଦିକ ଏକତା ମଞ୍ଚ ଓ ସମସ୍ତ ରାଜନୈତିକ ଦଳ ତରଫରୁ ଶୋକବ୍ୟକ୍ତ କରାଯାଇଛି।



# ଭୁବନେଶ୍ୱରରୁ ପୁଣି ୪୧୩ ପଜିଟିଭ୍

ଭୁବନେଶ୍ୱର,୧୧।୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୪୧୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୱାରେଂଟାଇନ୍ ରୁ ୧୧୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୦୧ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ଟପି ୧୫,୩୬୫କୁ ବୃଦ୍ଧି ପାଇଛି। ୧,୦୧୮୪ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୫,୧୧୦ ସକ୍ରିୟ ଆକ୍ରାନ୍ତ ଏବେ ବି ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ଏପର୍ଯ୍ୟନ୍ତ ୫୮ ଜଣଙ୍କର ମୃତ୍ୟୁ ହୋଇଛି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଭୁବନେଶ୍ୱର ପଟିଆରୁ ୬ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ସିଆରପିଏଫ୍ କ୍ୟାମ୍ପସ୍ ରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଲକ୍ଷ୍ମୀସାଗରରୁ ୧୨ ଜଣ, ୟୁନିଟ୍ ୬ , ପଳାଶୁଣି, କଳିଙ୍ଗନଗର , ପଟିଆ ରୁ ୮ ଜଣ ଲେଖାଏଁ ରହିଥିବା ବେଳେ ୭ ଜଣ ପୋଲିସ୍ କର୍ମଚାରୀ ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି।

# ଗୋଟିଏ ଦିନରେ ୩୯୯୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୯୯୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୩୧୧୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୦୮୦୦୧ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୪୪୫୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୯୯୬ ଜଣଙ୍କ ମଧ୍ୟରୁ ୨୩୫୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୩୭ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୬୦୬ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୩୮ , ବାଲେଶ୍ୱର ଜିଲ୍ଲାରେ ୨୦୯ ଜଣ, ବରଗଡ ଜିଲ୍ଲାରେ ୯୭, ଭଦ୍ରକ ଜିଲ୍ଲାରେ ୧୧୨, ବୌଦ୍ଧ ଜିଲ୍ଲାରେ ୩୯ ବଲାଙ୍ଗିର ଜିଲ୍ଲାରେ ୧୨୪, କଟକ ଜିଲ୍ଲାରେ ୩୫୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୦. ଢେଙ୍କାନାଳ ଜିଲ୍ଲାରେ ୮୭, ଗଜପତି ଜିଲ୍ଲାରେ ୨୫, ଗଂଜାମ ଜିଲ୍ଲାରେ ୮୯, ଜଗତସିଂହପୁର ଜିଲ୍ଲାରେ ୧୨୨, ଯାଜପୁର ଜିଲ୍ଲାରେ ୧୧୯ . ଝାରସୁଗୁଡା ଜିଲ୍ଲାରେ ୭୯, କଳାହାଣ୍ଡି ଜିଲ୍ଲାରେ ୫୮ . କନ୍ଧମାଳ ଜିଲ୍ଲାରେ ୪୭, କେନ୍ଦ୍ରାପଡା ଜିଲ୍ଲାରେ ୧୩୦ ,କେନ୍ଦୁଝର ଜିଲ୍ଲାରେ ୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୩ ଜଣ, ମାଲକାନଗିରି ଜିଲ୍ଲାରେ ୪୭ , ମୟୁରଭଂଜ ଜିଲ୍ଲାରେ ୧୬୦ ନବରଙ୍ଗପୁରରେ ୧୫୧, ନୟାଗଡ ଜିଲ୍ଲାରେ ୭୭, ନୂଆପଡା ଜିଲ୍ଲାରେ ୧୦୩, ପୁରୀ ଜିଲ୍ଲାରେ ୨୭୯, ରାୟଗଡା ଜିଲ୍ଲାରେ ୧୦୫, ସମ୍ବଲପୁର ଜିଲ୍ଲାରେ ୯୧ ,ସୋନପୁର ଜିଲ୍ଲାରେ ୯୧ ତଥା ସୁନ୍ଦରଗଡ ଜିଲ୍ଲାରେ ୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ସଫେଇ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କଲେ ଗରିମା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୯ (ନି.ପ୍ର): ରାଜ୍ୟର ସଫେଇ କର୍ମଚାରୀ ମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି 'ଗରିମା' ଯୋଜନାର ଶୁଭାରମ୍ଭ କରିଛନ୍ତି । ସେପ୍‌ଟିକ୍ ଟାଙ୍କି ତଥା ଅନ୍ୟ ବିପଦପୂର୍ଣ୍ଣ ସ୍ଥାନରୁ ମଇଳା କାଢୁଥିବା ସଫେଇ କର୍ମଚାରୀମାନେ ଏହାଦ୍ୱାରା ଉପକୃତ ହେବେ। ଏଥିପାଇଁ ପ୍ରାଥମିକ ଅବସ୍ଥାରେ ୫୦ କୋଟି ଟଙ୍କାର କର୍ପସ ପାଣ୍ଠି ସହିତ ସଫେଇ କର୍ମଚାରୀଙ୍କ ପାଇଁ ରାଜ୍ୟ କମିଶନ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ରାଜ୍ୟର ସମସ୍ତ ୧୧୪ଟି ପୌରସଂସ୍ଥାରେ କାର୍ଯ୍ୟକାରୀ ହେବ ଏବଂ ୨୦ ହଜାର ସଫେଇ କର୍ମଚାରୀଙ୍କ ସମେତ ସେମାନଙ୍କର ୧ ଲକ୍ଷ ପରିବାର ସଦସ୍ୟ ଉପକାର ପାଇବେ ।

ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାରା ବିଶ୍ୱ ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛି। ମହାତ୍ମା ସାରା ଜୀବନ ସମାଜର ଏହି ଅବହେଳିତ ବର୍ଗର କଲ୍ୟାଣ, ଅଧିକାର ଓ ମର୍ଯ୍ୟାଦା ପାଇଁ ଲଢେଇ କରିଛନ୍ତି। ପରିମଳକୁ ଗାନ୍ଧିଜୀ ସ୍ୱାଧୀନତାଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ । ତେଣୁ ବାପୁଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ 'ଗରିମା' ଯୋଜନା ବାପୁଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବାପୁଙ୍କ ସ୍ୱପ୍ନକୁ ସାକାର କରିବା ସହିତ ସଫେଇ କର୍ମଚାରୀଙ୍କୁ ସମାଜରେ ସେମାନଙ୍କ ଉଚିତ ସ୍ଥାନ ଦେବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ସେହିପରି କୋଭିଡ ଯୁଦ୍ଧ ସମୟରେ ସେମାନେ ଯେପରି ନିଜ ଜୀବନକୁ ବିପଦରେ ପକାଇ




ସେବା କରିଚାଲିଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚପ୍ରଶଂସା କରିଥିଲେ । 'ଗରିମା' ଯୋଜନାରେ ବିପଦପୂର୍ଣ୍ଣ ପରିମଳ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଚିହ୍ନଟ କରାଯିବା ସହିତ ସେମାନଙ୍କ ନିରାପତା ଓ ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କର କଠିନ ଓ ବିପଦପୂର୍ଣ୍ଣ କାମକୁ ସମ୍ମାନ ଜଣାଇ ସ୍ୱତନ୍ତ୍ର ଭତା, ସ୍ୱାସ୍ଥ୍ୟ ସୁବିଧା, ଜୀବନ ବୀମା, ପିଲାଙ୍କ ପାଇଁ ଉଚ୍ଚଶିକ୍ଷା, ଗୃହନିର୍ମାଣ ଓ ଦୁଇ ଚକିଆ ଗାଡି ପାଇଁ ୯୦ ପ୍ରତିଶତ ଅନୁଦାନ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ଅନୁକମ୍ପାମୂଳକ ସହାୟତା, ଇପିଏଫ୍, ଇଏସଆଇ ଏବଂ ପରିବାର ପେନ୍‌ସନ ଆଦି ବିଭିନ୍ନ କଲ୍ୟାଣ ଯୋଜନାର ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରାଜ୍ୟରେ ଚାଲିଥିବା ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କ୍ଷେତ୍ରରେ ଏହା ଆଉ ଏକ ସଫଳ ଅଧ୍ୟାୟ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା କହିଥିଲେ ଯେ ପରିମଳ କର୍ମଚାରୀଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗରିମା ଯୋଜନା ସଂପର୍କିତ ଏକ ଭିଡିଓ ଓ ଲୋଗୋ ଉନ୍ମୋଚନ କରିଥିଲେ । 'ଗରିମା' ଯୋଜନାକୁ ଆଗେଇ ନେବା ପାଇଁ ଓଡିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ଏବଂ ଅହମ୍ମଦାବାଦର ଅର୍ବାନ୍ ମ୍ୟାନେଜମେଂଟ ସେଂଟର ମଧ୍ୟରେ ବୈଷୟିକ ସହଯୋଗ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ଜି. ମାଥିଭାତନନ୍ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଏବଂ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସମାଜବାଦୀ ପାର୍ଟିର ଜାତୀୟ ସମ୍ପାଦକ ଏସ୍.ଆର.ଏସ୍. ଯାଦବଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧।୯ (ନି.ପ୍ର): ସମାଜବାଦୀ ପାର୍ଟିର ଜାତୀୟ ସମ୍ପାଦକ ତଥା ଦଳୀୟ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବରିଷ୍ଠ ସମାଜବାଦୀ ନେତା ଏସ୍.ଆର.ଏସ୍. ଯାଦବଙ୍କ କରୋନା ଜନିତ ମୃତ୍ୟୁ ଅତ୍ୟନ୍ତ ଦୁଃଖ ଦାୟକ । ତାଙ୍କ ବିୟୋଗରେ ସମାଜବାଦୀ ଆନ୍ଦୋଳନର ଯେଉଁ ରାଜନୈତିକ କ୍ଷତି ହେଲା ତାହା ସବୁଦିନ ପାଇଁ ଅପୂରଣୀୟ ରହିବ ବୋଲି ସମାଜବାଦୀ ପାର୍ଟି ରାଜ୍ୟ କମିଟି ଓଡ଼ିଶା ତରଫରୁ ଅନୁଷ୍ଠିତ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧକ୍ଷତାରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତବ୍ୟ ରଖି କହିଥିଲେଯେ ସ୍ୱର୍ଗତ ଏସ୍.ଆର.ଏସ୍. ଯାଦବ ୧୯୯୨ ମସିହାରୁ ଆଜି ପର୍ଯ୍ୟନ୍ତ ଦଳର ଜଣେ ସର୍ବକ୍ଷଣ ସମାଜବାଦୀ ଭାବରେ ଦଳର କାର୍ଯ୍ୟକ୍ରମରେ ନିୟୋଜିତ କରିଥିଲେ । ତାଙ୍କ ଆବର୍ତମାନରେ ଦଳର ସାଙ୍ଗଠନିକ କ୍ଷେତ୍ରରେ ଯେଉଁ କ୍ଷତି ହେଲା ତାକୁ ଭରଣା କରିବା ଅସମ୍ଭବ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ଓ କୋଷାଧକ୍ଷ ସଞ୍ଜୟ ନାୟକ, ଯୁବ ସଭାପତି ସୁବ୍ରତ ଲେଙ୍କା ଓ ନାରୀ ନେତ୍ରୀ ରୀତା ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଯାଦବଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଶେଷରେ ସନ୍ତୋଷ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପିରେ ମିଶିଲେ ପଂଚାୟତ ସ୍ତରର କଂଗ୍ରେସ କର୍ମୀ

କେନ୍ଦ୍ରାପଡା,୧୧।୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଓ ଓସ୍ତପୁର ପଂଚାୟତର କଂଗ୍ରେସ କର୍ମୀମାନେ ବିଜେପିରେ ମିଶିଥିବା ବିଜେପି ପକ୍ଷରୁ ସୂଚନା ଦିଆ ଯାଇଛି। ବିଜେପି ମଣ୍ଡଳ ସଭାପତି ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ଦୁହୁରିଆ ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି କିଶୋର ପଣ୍ଡା ଓ ବିଧାୟକ ପାର୍ଥୀ ସୁନାକର ବେହେରାଙ୍କ ଉପସ୍ଥିତି ରେ କଂଗ୍ରେସ ଯୁବନେତା ମହେନ୍ଦ୍ର ସାହୁ, ପ୍ରତାପ ସାହୁ, ମାନସ ମହାନ୍ତି, ପ୍ରଦିପ ରାଉତ, ଅକ୍ଷୟ ସ୍ୱାଇଁ, ଗୋଲଖ ବାରିକ ପ୍ରମୁଖ ଏହି ଦୁଇ ପଂଚାୟତ ର ଯୁବକଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ଉତ୍ସବରେ ବିଜେପିର ଯୁବନେତା ଅଭିମନ୍ୟୁ ଗୋଛାୟତ, ଉପିନ ରାଉତ, ଦିନବନ୍ଧୁ ପଢିଆରି ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରର ସଂରକ୍ଷିତ ଜଙ୍ଗଲରୁ ହାତୀ ଛୁଆର ମୃତଦେହ ଉଦ୍ଧାର

କେନ୍ଦୁଝର,୧୧।୯ (ନି.ପ୍ର): କେନ୍ଦୁଝର ଜିଲ୍ଲାର ସଦର ରେଞ୍ଜ ଅନ୍ତର୍ଗତ ବାରବାଙ୍କ ସଂରକ୍ଷିତ ଜଙ୍ଗଲର ଟାଙ୍ଗରବାହାଳି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଏକ ହାତୀ ଛୁଆର ମୃତଦେହ ଠାବ ହୋଇଛି । ଠାବ ହୋଇଥିବା ହାତୀ ଛୁଆଟି ମାଈ ହାତୀ ବୋଲି ଜଣାପଡିଛି । ଶୁକ୍ରବାର ଦିନ ସକାଳୁ ଗ୍ରାମ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଏହି ହାତୀ ଛୁଆଟିର ମୃତଦେହ ଦେଖି ବନ ବିଭାଗ କୁ ଖବର ଦେଇଥିଲେ । ପରେ ପରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ସରଜମିନ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ୍ୟୁର କାରଣ ଖୋଜୁଛନ୍ତି । ଏପଟେ ହାତୀ ଛୁଆଟିର ବୟସ ପ୍ରାୟ ୪ ବର୍ଷରୁ ୫ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । ହାତୀ ଛୁଆଟିର ମୃତ୍ୟୁ ୨/ ୩ ଦିନ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି । ଗତ କିଛି ଦିନ ଧରି ଛୁଆ ହାତୀଙ୍କ ସହ ୯ ଟିକିଆ ବଣୁଆ ହାତୀ ପଲ ଶରଧାପଶି, ବାଲିପଶି, ବୁଢାଖମଣ ଆଦି ଗ୍ରାମ ଅଂଚଳର ଘୁରି ବୁଲିବା ସହ ଫସଲ ନଷ୍ଟ କରୁଥିଲେ ଏବଂ ରାତ୍ରିରେ ଜଙ୍ଗଲ ଭିତରକୁ ଚାଲିଯାଉଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି । ବନ ବିଭାଗ ସେହି ହାତୀପଲଙ୍କ ଉପରେ ନଜର ରଖିଥିଲେ ହୁଏତ ହାତୀ ଛୁଆଟିକୁ ବଂଚାଇବା ଲାଗି ଚେଷ୍ଟା କରାଯାଇ ପାରିଥାଆନ୍ତି ବୋଲି ମତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଗତ କିଛି ବର୍ଷ ହେବ କେନ୍ଦୁଝର ଜିଲ୍ଲାରେ ହାତୀଙ୍କର ମୃତ୍ୟୁ ଯେଭଳି ଭାବେ ବୃଦ୍ଧି ପାଇବାରେ ଲାଗିଛି ତାହା ଜିଲ୍ଲା ବିଭାଗୀୟ ଅଧିକାରୀଙ୍କ ପାରିବା ପଣିଆକୁ ପଦାରେ ପକାଇଥିବା ବେଳେ ଏହା ବନ୍ୟପ୍ରାଣୀ ପ୍ରେମୀ ଓ ପରିବେଶବିତଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଛି । କିନ୍ତୁ, ସରକାର କିମ୍ବା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏହାକୁ ସେଭଳି ଗୁରୁତ୍ୱ ଦେବା ଅନୁଭବ ହେଉ ନଥିବା କୁହାଯାଉଛି । ଏଭଳି ଘଟଣାରେ ପ୍ରାୟତଃ କେବଳ ସ୍ୱଳ୍ପ ଦରମାପ୍ରାପ୍ତ ତଳିଆ କର୍ମଚାରୀଙ୍କ ମୁଣ୍ଡରେ ଅଠାବୋଳି ତଥା ସେମାନଙ୍କୁ କାର୍ଯ୍ୟରେ ଅବହେଳା ନାମରେ ନିଲମ୍ବନ କିମ୍ବା ସ୍ଥାନାନ୍ତର କରି ଉଚ୍ଚ ବେତନଭୋଗୀ ବଡ ଅଧିକାରୀମାନେ କେବଳ ସେମାନଙ୍କର ଦାୟିତ୍ୱ ଶେଷ କରି ନଥାନ୍ତି ଅଧିକନ୍ତୁ ଚତୁରତାର ସହ ନିଜର ପାରିବା ପଣିଆକୁ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଥିବା ପ୍ରାୟତଃ ଦେଖିବାକୁ ମିଳିଥାଏ ।

# ଦିନକରେ ବାଲେଶ୍ୱରରେ ସର୍ବାଧିକ ୨୦୯ ପଜିଟିଭ୍

## ୪୯୧୩କୁ ବୃଦ୍ଧି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୧୧।୯ (ନି.ପ୍ର): ଦିନକୁ ଦିନ ଓଡ଼ିଶାରେ ବଢୁଥିବା କରୋନା ସଂକ୍ରମଣ ରାଜ୍ୟବାସୀଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୩,୯୯୬ ଜଣ ସଂକ୍ରମିତ ହୋଇଥିବା ବେଳେ ରାଜ୍ୟ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୪୩ହଜାର ୧୧୭ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୦୫ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ବାଲେଶ୍ୱରରେ ସର୍ବାଧିକ ୨୦୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୪୯୧୩ରେ ପହଞ୍ଚିଛି । ଆଜିସୁଦ୍ଧା ଜିଲ୍ଲାରେ ୩୭୬୩ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୧୩୧ ଜଣ ଆକ୍ରାନ୍ତ ଏବେ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୧୪ରେ ସ୍ଥିର ରହିଛି । ତେବେ ବ୍ଲକ ତୁଳନାରେ ବାଲେଶ୍ୱର ପୌରାଞ୍ଚଳରେ ବଢୁଥିବା ସଂକ୍ରମଣ ସମସ୍ତଙ୍କ ଚିନ୍ତା ବଢ଼ାଇଛି । ସେହିଭଳି ଜିଲ୍ଲାର ଗୋଟିଏ ଗୋଟିଏ ଅଞ୍ଚଳରେ ଏକକାଳୀନ ଅଧିକ ସଂଖ୍ୟକ ପଜିଟିଭ ଚିହ୍ନଟ ହେବା ସ୍ଥାନୀୟ ସଂକ୍ରମଣକୁ ସଙ୍ଗୀନ ସ୍ଥିତିରେ ପଞ୍ଚାଇବାର ଆଶଙ୍କା ସୃଷ୍ଟି କରିଛି ।

## ସୀମାନ୍ତରେ ମାଓ କ୍ୟାମ୍ପ ଧ୍ୱଂସ ଓ ବହୁ ମାଓ ସାମଗ୍ରୀ ଜବତ

ମାଲକାନଗିରି,୧୧।୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ସୁକୁମା ଜିଲ୍ଲାରେ ଆଜି ଦୁଇଟି ଅଲଗା ଅଲଗା ସ୍ଥାନରେ ମାଓବାଦୀ ଓ ଯବାନ ଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି !ଏଥିସହ ଯବାନ ମାନେ ଏଲାରାମଡେଙ୍ଗୁ ଓ ଭେଜି ରେ ଦୁଇ ଟି ମାଓକ୍ୟାମ୍ପ ଧ୍ୱଂସ କରି ବହୁ ପରିମାଣରେ ମାଓ ସାମଗ୍ରୀ ଜବତ କରିଛନ୍ତି !ସେହିପରି ଅନ୍ୟ ଏକ ଘଟଣାରେ ମାଓବାଦୀମାନେ ବହୁ ସଂଖ୍ୟାରେ ଗ୍ରାମବାସୀ ଙ୍କୁ ନେଇ କିସ୍ତାରାମ ରୁ ପାଲୋଡ଼ି ରାସ୍ତା କାଟି ଇବାପାଇଁ ଯାଉଥିବା ସୂଚନା ପାଇଁ ଡ଼ିଆରଜି , ଏସଟିଏଫ ଓ କୋବ୍ରା ଯବାନ ମାନେ ମିଳିତ ଭାବେ ଯାଇଥିଲେ !ଏହି ସମୟ ରେ ଉଭୟଙ୍କ ମଧ୍ୟରେ ୨ ଘଂଟା ଧରି ଗୁଳିବିନିମୟ ହେବାପରେ ମାଓବାଦୀ ମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ ।

## ଆଜି ନୂଆ କରୋନା ଆକ୍ରାନ୍ତ ୧୧୨ ଚିହ୍ନଟ

ଭଦ୍ରକ,୧୧।୯ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ନୂଆ ୧୧୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ଏବେ ୩୬୯୮ରେ ପହଞ୍ଚିଛି । ମୋଟ ସୁସ୍ଥ ୨୭୮୩ ଜଣ ହେବା ପରେ ଏବେ ଆକ୍ଟିଭ ଆକ୍ରାନ୍ତ ୯୦୫ ଅଛନ୍ତି । ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୧୫ଜଣ, ବାସୁଦେବପୁର ପୌରପାଳିକାରୁ ୧୩, ଭଦ୍ରକ ବ୍ଲକରୁ ୫, ଭଦ୍ରକ ପୌରପାଳିକାରୁ ୧୧, ବନ୍ତ ବ୍ଲକରୁ ୧୮, ଭଣ୍ଡାରିପୋଖରୀ ବ୍ଲକରୁ ୧୬, ଚାନ୍ଦବାଲି ବ୍ଲକରୁ ୩, ଧାମନଗର ବ୍ଲକରୁ ୧୬, ଧାମନଗର ଏନ୍ଏସିରୁ ୨, ତିହିଡି ବ୍ଲକରୁ ୭ ଏବଂ ଅନ୍ୟ ଜିଲ୍ଲାରୁ ୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ରାଜ୍ୟରେ ଗତ ୨୪ ଘଂଟାରେ ୫୦ ହଜାର ୦୪୪ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୧୧।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୫୦ ହଜାର ୦୪୪ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ୟରୁ ଆଂଟିଜେନ୍‌ରେ ୪୨,୫୧୧, ଆରଟିପିସିଆରରେ ୭,୩୪୫ ଓ ଟ୍ରୁନଟ୍‌ରେ ୧୮୮ ଟି କରୋନା ନମୁନା ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୨୩୨୩୬୪୧ ନମୁନାର ପରୀକ୍ଷା କରା ଯାଇଛି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୧।୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୬୦୬ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୨୪୬୨୫ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୬୮୪, ବାଲେଶ୍ୱର ଜିଲ୍ଲାରେ ୪୯୧୩, ବରଗଡ ଜିଲ୍ଲାରେ ୪୦୩୮, ଭଦ୍ରକ ଜିଲ୍ଲାରେ ୩୬୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୨୬୭୬ . ବୌଦ୍ଧ ଜିଲ୍ଲାରେ ୧୦୦୬, କଟକ ଜିଲ୍ଲାରେ ୧୨,୨୬୫, ଦେବଗଡ ଜିଲ୍ଲାରେ ୩୪୪, ଢେଙ୍କାନାଳ ଜିଲ୍ଲାରେ ୨୩୯୮. ଗଜପତି ଜିଲ୍ଲାରେ ୩୧୨୩, ଗଂଜାମ ଜିଲ୍ଲାରେ ୧୯୦୬୭, ଜଗତସିଂହପୁର ଜିଲ୍ଲାରେ ୨୭୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୫୪୭୩ , ଝାରସୁଗୁଡା ଜିଲ୍ଲାରେ ୨୨୭୬, କଳାହାଣ୍ଡି ଜିଲ୍ଲାରେ ୧୮୪୭, କନ୍ଧମାଳ ୨୭୦୯, କେନ୍ଦ୍ରାପଡା ଜିଲ୍ଲାରେ ୨୭୮୭, କେନ୍ଦୁଝର ଜିଲ୍ଲାରେ ୨୭୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୪୫୬୧ , ମାଲକାନଗିରି ଜିଲ୍ଲାରେ ୨୬୯୪, ମୟୁରଭଂଜ ଜିଲ୍ଲାରେ ୫୪୧୩. ନବରଙ୍ଗପୁର ଜିଲ୍ଲାରେ ୧୯୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୬୬୬, ନୂଆପଡା ଜିଲ୍ଲାରେ ୧୨୯୪ , ପୁରୀ ଜିଲ୍ଲାରେ ୫୮୩୮, ରାୟଗଡା ଜିଲ୍ଲାରେ ୫୯୧୩. ସମ୍ବଲପୁର ଜିଲ୍ଲାରେ ୩୭୩୪ . ସୁବର୍ଣ୍ଣପୁର ଜିଲ୍ଲାରେ ୧୫୮୦ ଓ ସୁନ୍ଦରଗଡ ଜିଲ୍ଲାରେ ୫୩୫୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡ୍‌ରୁ ସୁସ୍ଥ ପ୍ଲାଜମା ଦାତା କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



ବାରିପଦା,୧୧।୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ଜିଲ୍ଲାରେ କୋଭିଡ୍-୧୯ ପରିଚାଳନା ତଥା ସତର୍କତା ସଚେତନତା କାର୍ଯ୍ୟକ୍ରମ ଉପରେ ବିଶେଷଧ୍ୟାନ ଦେଇ ସୁପରିଚାଳନା କରାଯାଇ ଆସୁଅଛି । ସ୍ୱାସ୍ଥ୍ୟ ବିଭାଗ ମାର୍ଗଦର୍ଶିକାନୁଯାୟୀ କୋଭିଡ୍‌ରେ ଆକ୍ରାନ୍ତ ଜଟିଳ ରୋଗୀ ମାନଙ୍କୁ ପ୍ଲାଜମା ଥେରାପି ଚିକିତ୍ସା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦେଇ ଏହାର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକ୍ରମକୁ ଜିଲ୍ଲାରେ ତରାନ୍ୱିତ କରାଯାଉଛି । କୋଭିଡ୍‌ରୁ ସୁସ୍ଥ ହୋଇଥିବା ଯୋଗ୍ୟ ବ୍ୟକ୍ତି ମାନଙ୍କ ଠାରୁ ପ୍ଲାଜମା ସଂଗ୍ରହ କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହିତ କରାଯଉଛି । ଏହି ପରିପ୍ରେକ୍ଷୀରେ, ତା.୧୦.୦୯.୨୦୨୦ ରିଖ ପୂର୍ବାହ୍ନରେ ମୟୂରଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସମ୍ମିଳନୀ କକ୍ଷରେ ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଭା.ପ୍ର.ସେ. ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଜିଲ୍ଲା ସ୍ତରୀୟ ସମ୍ବନ୍ଧନା କାର୍ଯ୍ୟକ୍ରମରେ ୬ ଜଣ ପ୍ଲାଜମା ଦାତା କୋଭିଡ୍ ଯୋଦ୍ଧା ମାନଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ତାଙ୍କର ପ୍ଲାଜମା ଦାନ ପରି ଏକ ମହତ ତଥା ଜଟିଳ ଆକ୍ରାନ୍ତ କୋଭିଡ ରୋଗୀ ମାନଙ୍କ ଜୀବନ ରକ୍ଷା ପାଇଁ ପ୍ରେରଣା ଉତ୍ସ ସାଜିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଇବା ସହିତ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ତିନି ହଜାରରୁ ଉର୍ଦ୍ଧ ବ୍ୟକ୍ତି କୋଭିଡରୁ ସୁସ୍ଥ ହୋଇଥିବା ସମସ୍ତ ବ୍ୟକ୍ତି ମାନଙ୍କୁ ମଧ ଏ ଦିଗରେ ଉତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବଡସାହି ସିଏଚ୍‌ସିର ଡା. ସଂଜିବ କୁମାର ବଇତାଳ ପ୍ଲାଜମା ଦାତା ତାଙ୍କର ଅନୁଭୂତି ପ୍ରକାଶ କରିଥିଲେ । ପ୍ଲାଜମା ଥେରାପି ଚିକିତ୍ସା ପାଇଁ ପ୍ଲାଜମା ସଂଗ୍ରହ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ଭାବରେ ପ୍ଲାଜମା ଦାନ କରିଥିବା ପରେ ରରୁଆଁ ବ୍ଲକ ଝୁମୁକପାଳ ଗ୍ରାମ ଦୁର୍ଯ୍ୟଧନ ମାଝୀ, କପ୍ତିପଦା ବ୍ଲକର ଛୁଇଁପୋଷି ଗ୍ରାମର ଆଲୋକ ଦେହୁରୀ, ରାସଗୋବିନ୍ଦପୁର ବ୍ଲକର ମଙ୍ଗଳପୁର ଝାଡିଆଡା ଗ୍ରାମର ହିମାଂଶୁ କୁଣ୍ଡୁ ଓ ରାସଗୋବିନ୍ଦପୁର ବ୍ଲକର ମଙ୍ଗଳପୁର ଝାଡିଆଡା ଗ୍ରାମର ଚନ୍ଦ୍ରକାନ୍ତ ଦାସ ଏବଂ ବଡସାହି ସିଏଚ୍‌ସିର ଡା. ସଂଜିବ କୁମାର ବଇତାଳ ଓ ଖୁଣ୍ଟା ବ୍ଲକର ଢୁକୁରା ସିଏଚ୍‌ସି ର ଡା. ଜୟନ୍ତ କୁମାର ସିଆଳ ପ୍ରମୁଖ କୋଭିଡ୍ ଯୋଦ୍ଧା ମାନଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭ ଶ୍ରୀ ବିବେକାନନ୍ଦ ସାହୁ ପି.ଏ.ଆଇ.ଟି.ଏ. ବାରିପଦା ତଥା କୋଭିଡ୍-୧୯ ଜିଲ୍ଲା ପ୍ଲାଜମା ଥେରାପି ନୋଡାଲ ଅଫିସର ଶ୍ରୀ ବସନ୍ତ କୁମାର ସେଠୀ, ଜିଲ୍ଲା ଜରୁରୀ ଅଧିକାରୀ, ଡେପୁଟି କଲେକ୍ଟର ସୁଜୟ କୁମାର ପତି, ଓ.ପ୍ର.ସେ., ଅତିରିକ୍ତ ଉପଜିଲ୍ଲାପାଳ ବାରିପଦା ଶ୍ରୀ ପ୍ରକାଶ ବେହେରା ପ୍ରମୁଖ ସମେତ ସଂପୃକ୍ତ ପଦାଧିକାରୀ ଉପସ୍ଥିତ ରହି ପ୍ଲାଜମା ଦାତାଙ୍କୁ ଉତ୍ସାହିତ କରିଥିଲେ । ସୂଚନା ଯୋଗ୍ୟ, ଯେ ପ୍ରଥମ ପର୍ଯ୍ୟାୟରେ ୪ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ ଜଣ ପ୍ଲାଜମା ଦାନ କରିଥିବାବେଳେ ଆଗାମୀ ଦିନରେ କୋଭିଡ୍ ରୁ ସୁସ୍ଥ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍କ୍ରିନିଂ କରାଯାଇ ଉକ୍ତ ବ୍ୟକ୍ତିଙ୍କ ଠାରୁ ପ୍ଲାଜମା ଦାନ କରିବା ପାଇଁ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କାର୍ଯ୍ୟକ୍ରମକୁ ତରାନ୍ୱିତ କରାଯାଉଅଛି ।

## ବିଶିଷ୍ଟ ସମାଜସେବୀ ସେବକଶ୍ରୀ ବଲ୍ଲଭ ସାହୁଙ୍କ ବିୟୋଗ



ବାରିପଦା ,୧୧।୯ (ନି.ପ୍ର): ମୟୂରଭଂଜର ବିଶିଷ୍ଟ ସମାଜସେବୀ ବଲ୍ଲଭ ଚରଣ ସାହୁଙ୍କର ଭୁବନେଶ୍ୱର ଆପୋଲ ହସପିଟାଲରେ ପରଲୋକ ହୋଇଯାଇଛି । ସେଜଣେ ପରୋପକାରୀ ମେଳାପୀ ସମାଜସେବୀ ଭାବରେ ବିଭିନ୍ନ ସାମାଜିକ ସେବାସଂସ୍ଥା ସହିତ ଜଡିତ ରହି ଆଜୀବନ ସେବା କାର୍ଯ୍ୟ ଜାରୀ ରଖିଥିଲେ । ବିଶେଷ କରି ବାରିପଦା ଡାକ୍ତରଖାନାରେ ରୋଗୀ ମାନଙ୍କୁ ଦୀର୍ଘ ବର୍ଷ ଧରି ସାହାର୍ଯ୍ୟ କରିବା ସେମାନଙ୍କୁ ଔଷଧ ପତ୍ର ନିଜ ଖର୍ଚ୍ଚରୁ ଯୋଗାଇ ଦେବା ଏବଂ ରୋଗୀ ମାନଙ୍କର ସେବା କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ବିଭିନ୍ନ ସମୟରେ ଅସହାୟ ଲୋକଙ୍କୁ ସମବେତ ଭାବରେ ଅନ୍ନ ବସ୍ତ୍ର ଦାନ କରିବା ସହ ଅସହାୟ ମାନଙ୍କର ଜଣେ ସାହାରା ଭାବରେ ଆଜୀବନ କାର୍ଯ୍ୟକରି ଆସୁଥିଲେ । ତାଙ୍କର ବିୟୋଗରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଆଜି ସକାଳେ ଗୋଲାପବାଗ ସ୍ଥିତ ତାଙ୍କ ବାସଭବନରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଶ୍ରୀ ଜଗନ୍ନାଥ ସେବା ଓଡିଶାର ସଭାପତି ପରିତୋଷ ଦାଶ, ସମ୍ପାଦକ ସମାଜସେବୀ ନୀରୋଜ ପୋଥାଳ, ସାହିତ୍ୟିକା ସୁଚରିତା ମହାନ୍ତି ତଥା ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିବା ବେଳେ ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୁ, ଝିଅ ଜ୍ୱାଇଁ ନାତିନାତୁଣି ମାନେ ଉପସ୍ଥିତ ଥିଲେ ।

## ରାୟଗଡା ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ

### ବହୁ ଦେଶୀ ରନ୍ଧାମଦ, ପୋଚ ଓ ରନ୍ଧା ସାମଗ୍ରୀ ଜବତ୍ ସହ ୬ଜଣ ଅଭିଯୁକ୍ତ ଗିରଫ



ରାୟଗଡ,୧୧।୯ (ନି.ପ୍ର): ରାୟଗଡ ଜିଲ୍ଲାରେ ବେଆଇନ ଚୋରା ମଦ କାରବାରକୁ ରୋକିବା ପାଇଁ ରାୟଗଡ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଜିଲ୍ଲା ଅବକାରୀ ବିଭାଗକୁ ଏ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଫଳରେ ଜିଲ୍ଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ଆଦେଶ କ୍ରମେ ଜିଲ୍ଲାର ବିଭିନ୍ନ ଅବକାରୀ ଥାନା ଅଂଚଳରେ ବିଭାଗୀୟ ଅଧିକାରୀମାନେ ସଦଳବଳ ନେଇ ବ୍ୟାପକ ଚଢାଉ କରି ବିପୁଳ ପରିମାଣର ଦେଶୀ ରନ୍ଧାମଦ, ମହୁଲ ପୋଚ, ସଲ୍ପ ତାଡ଼ିଆ ସହ ମଦ ରନ୍ଧା ସାମଗ୍ରୀ ଜବତ ଓ ନଷ୍ଟ କରିଥିବା ବେଳେ ଜିଲ୍ଲାରେ ଚୋରାମଦ କାରବାରକୁ ରୋକିବାନିମନ୍ତେ ପ୍ରୟାସ ଜାରୀରଖିଛନ୍ତି । ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଗତ ୬.୯.୨୦ ତାରିଖଦିନ ଠାରୁ ତା ୧୦.୯.୨୦ରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ ଜାରୀରଖିଛନ୍ତି । ଗତ ୬.୯.୨୦ତାରିଖଦିନ ରାୟଗଡା ସଦର ଥାନା ଅନ୍ତର୍ଗତ ଥିପେଟା ଓ ଗୁରୁମଗୁଡା ଗ୍ରାମରେ ଅବକାରୀ ଉପନିରୀକ୍ଷକ ଶ୍ରୀ ସୂର୍ଯ୍ୟ ନାରାୟଣ ରଥଙ୍କ ନେତୃତ୍ୱରେ ଅବକାରୀ ଦଳ ଚଢ଼ାଉ କରି ୪୦୦ ଲିଟର ପୋଚ ଓ ୫୦ଲିଟର ଦେଶୀମଦ ଜବତ କରି ନଷ୍ଟ କରିବାସହ ଥବିର ଟାକ୍ରୀ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି । ସେହିପରି ଥିପେଟା ଗ୍ରାମରେ ଦେଶୀମଦ ସହ ପିତାମ୍ବର ସଗାଡ଼ିଆ ନାମକ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଗୋଟିଏ ସ୍କୁଟର ଜବତ କରାଯାଇଛି । ସେହିପରି ବିଷମ କଟକ ଥାନା ଅନ୍ତର୍ଗତ ଲତାଗୁଡ଼ା ଗ୍ରାମରେ ଚଡଉ କରି ୧୮୦୦ ଲିଟର ମହୁଲ ପୋଚ ସାଂଗକୁ ୫୦ଲିଟର ଦେଶୀ ମଦ ଜବତ କରିଥିଲେ ଏବଂ ମଟକା ବାଡି ଗ୍ରାମରେ ୩୫ ଲିଟର ଦେଶୀମଦ ସହିତ ୫୦୦ଲିଟର ପୋଚ ନଷ୍ଟ କରିଥିଲେ । ସେହିପରି ଗୁଣୁପୁର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରୁ ୯୦୦ ଲିଟର ମହୁଲ ପୋଚ ଓ ୫୦ଲିଟର ଦେଶୀ ରନ୍ଧାମଦ ଜବତ କରି ଗୋଟିଏ ଅବକାରୀ କେସ ରୁଜୁ କରିଥିଲେ । ସେହିପରି ଗତ ୭.୯.୨୦ତାରିଖ ଗୁଣୁପୁର ଅବକାରୀ ଥାନା ଅନ୍ତର୍ଗତ ଏସପି ଗୁଡା ଗ୍ରାମରେ ଚଡଉ କରି ୧୦୫୦ ଲିଟର ମହୁଲ ପୋଚ ଓ ୧୨୦ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ନଷ୍ଟ କରିଥିଲେ । ସେହିପରି ଚାନ୍ଦିଲି ଥାନା ଅନ୍ତର୍ଗତ ମାଲିଗାଁରେ ଚଢ଼ାଉ କରି ୧୫୦୦ ଲିଟର ପୋଚ ଓ ୭୦ଲିଟର ଦେଶୀମଦ ଜବତ କରି ନଷ୍ଟ କରିଥିଲେ । ସେହିପରି ଗତ ୮.୯.୨୦ତାରିଖ ଦିନ କଲ୍ୟାଣସିଂପୁର ଥାନା ଅନ୍ତର୍ଗତ ଶାନ୍ତି ନଗର ଓ ପିଟିଲିଗୁଡା ଗ୍ରାମରେ ଅବକାରୀ ଉପନିରୀକ୍ଷକ ଓ ତାଙ୍କ ଦଳ ଚଢ଼ାଉ କରି ୨୦୦୦ ଲିଟର ପୋଚ ସହିତ ୬୦ ଲିଟର ମଦ ଜବତ କରିଥିଲେ । ସେହିପରି ମୁନିଗୁଡା ଅବକାରୀ ଉପନିରୀକ୍ଷକଙ୍କ ନେତୃତ୍ୱରେ ମୁନିଗୁଡା ଥାନା ଅନ୍ତର୍ଗତ କୁଟିନଗୁଡା ଗ୍ରାମରେ ଚଢ଼ାଉ କରି ୭ଲିଟର ଦେଶୀମଦ ସହ ଗଙ୍ଗାଧର ମିନା ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ସେହିପରି ଗୁଡାରୀ ଥାନା ଅନ୍ତର୍ଗତ ମର୍ଥାଗୁଡା ଓ ଝିଗିଡିଭଟା ଗ୍ରାମରେ ଚଢ଼ାଉ କରି ୧୫୩୦ ଲିଟର ପୋଚ ଓ ୨୮ଲିଟର ଦେଶୀମଦ ସହ ରନ୍ଧା ସାମଗ୍ରୀ ଜବତ କରିବା ସହ ନଷ୍ଟ କରିଥିଲେ । ସେହିପରି ଗତ ୧୦.୯.୨୦ତାରିଖ ଦିନ ଗୁଡାରୀ ଥାଆ ଅନ୍ତର୍ଗତ ସିନାପାଲି ଗ୍ରାମରେ ଚଢ଼ାଉ କରି ୬୦୦୦ ଲିଟର ପୋଚ ଓ ୮୫ ଲିଟର ଦେଶୀମଦ ଜବତ କରିଥିଲେ । ସେହିପରି ଶେଷଖାଲ ଥାନା ଅନ୍ତର୍ଗତ ବୈରାଗୀ ହାଲୱାରେ ଚଢ଼ାଉ କରି ୫୦୦ଲିଟର ମଦ ଜବତ କରିଥିଲେ । ସେହିପରି ଗୁଣୁପୁର ଥାନା ଅନ୍ତର୍ଗତ କର୍ଣ୍ଣଗୁଡା ଗ୍ରାମରେ ଚଢ଼ାଉ କରି ୬୦୦ ଲିଟର ପୋଚ୍ ଓ ୫୦ ଲିଟର ଦେଶୀମଦ ଜବତ କରିଥିଲେ । ଡାମୁରଗୁଡାରେ ଚଢ଼ାଉ କରି ୫ଲିଟର ମଦ ସାଙ୍ଗକୁ ଫୁଲକା ଶବର ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲେ । ଡମ୍ବସରା ଛକଠାରେ ଚଢ଼ାଉ କରି ୨୭ ଲିଟର ମଦ ସହିତ ଡମ୍ବରୁ ଶବର ଓ ଶୀମା ଶବର ନାମକ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## କରୋନାରେ ଦୈନିକ ନୂତନ ଆରୋଗ୍ୟଙ୍କ ମଧ୍ୟରୁ ୬୦ ପ୍ରତିଶତ ୫ଟି ରାଜ୍ୟରୁ

### ମୋଟ ସୁସ୍ଥଙ୍କ ସଂଖ୍ୟା ପାଖାପାଖି ୩୫.୫ ଲକ୍ଷ

ନୂଆଦିଲ୍ଲୀ,୧୧।୯ (ନି.ପ୍ର): ଭାରତରେ କ୍ରମାଗତ ଭାବରେ ଆରୋଗ୍ୟ ସଂଖ୍ୟା ଅଧିକ ହେବାରେ ଲାଗିଛି । ଦେଶରେ ଗତ ୨୪ ଘଂଟା ମଧ୍ୟରେ ମୋଟ ୭୦,୮୮୦ ଜଣ ସୁସ୍ଥ ହୋଇଛନ୍ତି । ଏଥି ମଧ୍ୟରୁ ମହାରାଷ୍ଟ୍ରରୁ ୧୪,୦୦୦ ଏବଂ ଆନ୍ଧ୍ରପ୍ରଦେଶରୁ ୧୦,୦୦୦ ସୁସ୍ଥ ହୋଇଛନ୍ତି । ମୋଟ ଆରୋଗ୍ୟ ରୋଗୀଙ୍କ ସଂଖ୍ୟା ୩୫,୪୨,୬୬୩ ଛୁଇଁଥିବା ବେଳେ ଏହା ୭୭.୬୫ ପ୍ରତିଶତ ବୋଲି ଜଣାପଡିଛି । ୫ଟି ରାଜ୍ୟ ଯଥା ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ସୁସ୍ଥ ହୋଇଥିବା ଲୋକଙ୍କ ସଂଖ୍ୟାର ଶତକଡା ୬୦ ଭାଗ ରହିଛି । ଗତ ୨୪ ଘଂଟା ମଧ୍ୟରେ ୯୬,୫୫୧ଟି ନୂତନ ସଂକ୍ରମିତ ମାମଲା ରେକର୍ଡ ହୋଇଥିବା ବେଳେ ସେଥିରୁ କେବଳ ମହାରାଷ୍ଟ୍ରରେ ୨୩,୦୦୦ରୁ ଉର୍ଦ୍ଧ୍ୱ ଓ ଆନ୍ଧ୍ରପ୍ରଦେଶରୁ ୧୦,୦୦୦ରୁ ଉର୍ଦ୍ଧ୍ୱ ଅଛନ୍ତି । ଦେଶର ନୂତନ ସଂକ୍ରମିତଙ୍କ ମଧ୍ୟରୁ ଶତକଡା ୫୭ ପ୍ରତିଶତ ରୋଗୀ କେବଳ ୫ଟି ରାଜ୍ୟରୁ ଆସିଥିବା ବେଳେ ଏହି ରାଜ୍ୟଗୁଡିକରୁ ଶତକଡା ୬୦ ଭାଗ ନୂତନ ସୁସ୍ଥ ରୋଗୀ ଅଛନ୍ତି । ବର୍ତ୍ତମାନ ଦେଶରେ ୯,୪୩,୪୮୦ ସକ୍ରିୟ ରୋଗୀ ରହିଛନ୍ତି । ସକ୍ରିୟ ରୋଗୀଙ୍କ ମଧ୍ୟରେ ସର୍ବାଧିକ ୨,୬୦,୦୦୦ରୁ ଅଧିକ ମହାରାଷ୍ଟ୍ରରୁ ହୋଇଥିବା ବେଳେ କର୍ଣ୍ଣାଟକରୁ ୧,୦୦,୦୦୦ରୁ ଅଧିକ ଅଛନ୍ତି । ୯ଟି ରାଜ୍ୟରେ ସର୍ବାଧିକ ୭୪ ପ୍ରତିଶତ ସକ୍ରିୟ ମାମଲା ରହିଥିବା ବେଳେ କେବଳ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ମୋଟ ସକ୍ରିୟ ମାମଲାର ଶତକଡା ୪୮ ଭାଗ ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ୧,୨୦୯ଜଣ ରୋଗୀଙ୍କର ମୃତ୍ୟୁ ହୋଇଥିବା ବେଳେ ସେଥିମଧ୍ୟରୁ ୪୯୫ ରୋଗୀ ମହାରାଷ୍ଟ୍ରରୁ ହୋଇଛି, ସେହିପରି କର୍ଣ୍ଣାଟକରୁ ୧୨୯ ଏବଂ ଉତ୍ତରପ୍ରଦେଶରୁ ୯୪ ଜଣଙ୍କର ମୃତ୍ୟୁ ଘଟିଛି ।

# ସୀମାନ୍ତରେ ରେଞ୍ଜରଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୧୧।୯ (ନି.ପ୍ର): ମାଲକାନଗିରି ଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ଭେରମଗଡ଼ ରେଞ୍ଜର ଙ୍କୁ ଆଜି ମାଓବାଦୀ ମାନେ ଗଳାକାଟି ହତ୍ୟା କରିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ରେଞ୍ଜର ରଥରାମ ପଟେଲ ଦୁଇ ଜଣ ବିଟ ଗାର୍ଡଙ୍କ ସହ ଜାଙ୍ଗଲ ଥାନା କେନ୍ଦ୍ରଜୀ ର ସ୍କୁଲପଡ଼ା ଗ୍ରାମକୁ ବନ ବିଭାଗ ତରଫରୁ ଚାଲିଥିବା କାମରେ ନିୟୋଜିତ ଥିବା ଶ୍ରମିକ ମାନ ଙ୍କୁ ମଜୁରୀ ଟଙ୍କା ଦେବାପାଇଁ ଯାଇଥିଲେ !ଏହି ସମୟରେ ସେଠାରେ କିଛି ମାଓବାଦୀ ପହଂଚି ଗାର୍ଡ ମାନଙ୍କୁ ଚାଲିଯିବା ପାଇଁ କହିଥିଲେ ଭୟରେ ସେମାନେ ଚାଲିଯିବାପରେ ମାଓବାଦୀ ରେଞ୍ଜର ଙ୍କ ଗଳା କାଟି ହତ୍ୟା କରି ବାପରେ ରାସ୍ତାରେ ଶବ ପକାଇ ଚାଲିଯାଇଥିଲେ !ଖବର ପାଇଁ ଘଟଣା ସ୍ଥଳକୁ ବିଜେପୁର ଆରକ୍ଷୀ ଅଧିକ୍ଷକ କମଳ ଲୋଚନ କଶ୍ୟପ, ଭେରମଗଡ଼ ଏସ ଡ଼ି ପି ଓ ଅବିନାଶ ମିଶ୍ର ଓ ଥାନା ଅଧିକାରୀ ଯାଇ ଶବ ଜବତ କରି ତଦନ୍ତ ଚଳାଇଛନ୍ତି !

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୯୬,୫୫୧ ନୂଆ ମାମଲା: ୧୨୦୯ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୧।୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୯୬,୫୫୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧୨୦୯ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୫,୬୨,୪୧୫ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯,୪୩,୪୮୦ ବର୍ତ୍ତମାନ ସୁଦ୍ଧା ୭୬,୨୭୧ ଜଣ ମୃତ୍ୟୁ ବରଣ କରିଛନ୍ତି ।

ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
Managing & Executive Editor : Srustidhar Parida
Editor: Sairindhree Sahoo